# ବିକାଶର ଯାତ୍ରା ଚାଲିଛି, ଚାଲିବ







**ବଲାଙ୍ଗିର, ୨୬।୧୨(ସମିସ)**

ଜନତାଙ୍କ ସେବାର ସଂକଳ୍ପ ନେଇ ଆରମ୍ଭ ହୋଇଥିଲା ଏ ଯାତ୍ରା। କ୍ଲାନ୍ତହୀନ ପରିଶ୍ରମ, ବିକାଶର ମନ୍ତ୍ର ନେଇ ଏଯାତ୍ରା ଚାଲିଛି, ଚାଲିବ। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ନାଁରେ ଆରମ୍ଭ ହୋଇଥିବା ବିଜୁ ଜନତା ଦଳ ଦୀର୍ଘ ୨୭ ବର୍ଷ ହେଲା ଓଡ଼ିଶାବାସୀଙ୍କ ଆଶା ଓ ବିଶ୍ୱାସର ପ୍ରତୀକ ହୋଇରହିଛି। ସମସ୍ତଙ୍କ ମୁହଁରେ ହସ ଆଣିଛି ରୂପାନ୍ତରଣର ସ୍ପର୍ଶ। ସେବା ଓ ସମାର୍ଥ୍ୟର ସତେଇଶି ବର୍ଷ ଚିରଦିନ ପାଇଁ ରହୁ ଏ ସଂକଳ୍ପ ଆଜି ଆମେ ସମସ୍ତେ ନେବା ବୋଲି ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ଅବସରରେ ମତପ୍ରକାଶ ପାଇଛି। ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ହର୍ଷ ଉଲ୍ଲାସରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି।

ମଙ୍ଗଳବାର ବିଜୁପଟ୍ଟନାୟକ ଶିଶୁ ଉଦ୍ୟାନରେ ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ସଭାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ସହ ଆଗାମୀ ନିର୍ବାଚନ ପାଇଁ ସଜାଗ ହୋଇ ରହିବାକୁ କର୍ମୀଙ୍କୁ ଆହ୍ୱାନ କରାଯାଇଥିଲା। ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ନିର୍ବାଚିତ କରିବା ଏବଂ ବଲାଙ୍ଗିରରେ ମଧ୍ୟ ବିଜେଡି ପ୍ରତିନିଧିଙ୍କୁ ନିର୍ବାଚିତ କରିବାକୁ ସଂକଳ୍ପ ନେଇଥିଲେ। ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା ସଂଯୋଜନା କରିଥିବାବେଳେ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଦଳର କର୍ମୀମାନେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ। ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲାରେ ଲୋଇସିଂହା ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଲୋଇସିଂହା, ଆଗଲପୁର ଓ ପୁଇଁନ୍ତଲା ବ୍ଲକର ବିଜେଡି ସଭ୍ୟ, କର୍ମକର୍ତ୍ତା ଯୋଗଥିଲେ। ପୁଇଁନ୍ତଲା ବ୍ଲକ ବିଜେଡି ସଭାପତି ବିଷ୍ଣୁ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା ଯୋଗ ଦେଇଥିଲେ। ନିର୍ବାଚନମଣ୍ଡଳୀର ପାଞ୍ଚ ଜିଲ୍ଲା ପରିଷଦ ସଦସ୍ୟ ବିଣାପାଣୀ ଦାସ, ଲିଲିମା ବେହେରା, ସଂଯୁକ୍ତା ବରିହା, କୁମରମଣି ସେଠ ଓ ସବିତା ସେଠ ନିଜର ବକ୍ତବ୍ୟ ରଖିଥିଲେ। ଜିଲ୍ଲା ଉପସଭାପତି ସୁରେଶ ନାଏକ, ଲୋଇସିଂହା ବ୍ଲକ ସଭାପତି ହୃଦୟାନନ୍ଦ ବେହେରା, ଆଗଲପୁର ବ୍ଲକ ସଭାପତି ପଞ୍ଚୁ ପଟେଲ, ପୁଇଁନ୍ତଲା ବ୍ଲକ ଅଧ୍ୟକ୍ଷ ସରୋଜ ପଧାନ, ଆଗଲପୁର ବ୍ଲକ ଉପାଧ୍ୟକ୍ଷା ନିରୁପମା ପଧାନଙ୍କ ସମେତ ତିନି ବ୍ଲକର ଯୁବ, ଛାତ୍ର ଓ ମହିଳା ସଭାପତି ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସାହର ସହ ତିନି ବ୍ଲକର ପ୍ରାୟ ଦୁଇ ହଜାର ସଭ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ରକ୍ତଦାନ ଶିବିରର ମଧ୍ୟ ଆୟୋଜନ କରାଯାଇଥିଲା।



### ପରିଶ୍ରମ ଓ ସଫଳତାର ୨୭ ବର୍ଷ

**ତୁରେକେଲା:** ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ତୁରେକେଲା ପଞ୍ଚାୟତ କାର୍ଯ୍ୟାଳୟରେ ପୂର୍ବତନ ସୈନିକ ତଥା ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀ ଯୋଗ ଦେଇଥିଲେ। ଶିବିରରେ ୩୦ ଉର୍ଦ୍ଧ୍ୱ ଯୁବକ ରକ୍ତଦାନ କରିଥିଲେ। ତୁରେକେଲା ବ୍ଲକ ବିଜେଡି ସଭାପତି ଆଶାଦୁଲ୍ଲା ଖାନ, ବିଜୁ ମହିଳା ଜନତା ଦଳ ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, ବିଜେଡି ନେତା ଦୈତାରି ଭୋଇ, ବିଜୁ ସାଘାଂ, ଲମ୍ବୋ ମାହାନନ୍ଦ, ଜଳନ୍ଧର ମାହାନନ୍ଦ, ଶତାଧିକ ବିଜେଡି ନେତା ଉପସ୍ଥିତ ଥିଲେ।

**କଣ୍ଟାବାଞ୍ଜି:** ପ୍ରତିଷ୍ଠା ଦିବସ ଅବସରରେ ବିଜେଡି ପକ୍ଷରୁ ଡାକ୍ତରଖାନାସ୍ଥିତ ବିଜୁ ପଟ୍ଟନାୟକ ରକ୍ତଭଣ୍ଡାରରେ ଜୀବନ ବିନ୍ଦୁ ରକ୍ତଦାନ ଶିବିରରେ ୪୫ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଜିଲ୍ଲା ସାଧାରଣ ସମ୍ପାଦକ ଫିରୋଜ ଖାଁଙ୍କ ନେତୃତ୍ୱରେ ଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ରାଜ୍ୟ ବିଜେଡି ସମ୍ପାଦକ ରାଜୁ ଘିବେଲା, ବରିଷ୍ଠ ନେତା ଅଜୟ ଦାସ, ରାଜ୍ୟ ବିଜେଡି ସମ୍ପାଦକ ରାଜୁ ଘିବେଲା, ବରିଷ୍ଠ ନେତା ଅଜୟ ଦାସ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଲା ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଦେବରାଜ ଯାଦବ, ମନୋଜ ସାହୁ, ଭକ୍ତବନ୍ଧୁ ବେହେରା, ଜଗଦୀଶ ସୁନା, ଗୋପା ମହାନନ୍ଦ, ଶେଖ୍ ଅନୱର, ମନୋଜ ଚଣ୍ଡୀ, ରାଧେଶ୍ୟାମ କେତକୀ, ଗୁରୁଚରନ ଠେଲା, କାଉନସିଲର ମନୀଷ ଅଗ୍ରୱାଲ, ସୂର୍ଯ୍ୟପ୍ରତାପ ମିଶ୍ର, ରାମ ଶବର ସହ ଅନ୍ୟ ବିଜେଡି ସଦସ୍ୟ ସହଯୋଗ କରିଥିଲେ ।

**ଟିଟିଲାଗଡ଼:** ଟିଟିଲାଗଡ଼ ବିଜୁ ଜନତା ଦଳ ତରଫରୁ ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସକାଳୁ ଦଳ ତରଫରୁ ଟିଟିଲାଗଡ଼ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିକଟରୁ ଏକ୍ ମିନି ମାରାଥନ ଦୌଡ଼ର ଆୟୋଜନ କରାଯାଇଥିଲା। ମନ୍ତ୍ରୀ ଟୁକୁନି ସାହୁଙ୍କ ସହ ଅନ୍ୟାନ୍ୟ ଜନ ପ୍ରତିନିଧିଙ୍କ ସହ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ। ମିନି ମାରାଥନ୍ ବିଜୁପଟ୍ଟନାୟକ ଛକରେ ପହଞ୍ଚିବା ପରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଟିଟିଲାଗଡ଼ ବାଳକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାପରେ ଟିଟିଲାଗଡ଼ ଗୋବିନ୍ଦ ବାଟିକାରେ ଆୟୋଜିତ ସଭାରେ ବିଭିନ୍ନ ଜନମଙ୍ଗଳ ଯୋଜନା ଉପରେ ଆଲୋଚନା କରିବା ସହିତ ଆଗକୁ ମୁଖ୍ୟମନ୍ତ୍ରୀଙ୍କ ହାତକୁ ସୁଦୃଢ କରିବା ପାଇଁ ମନ୍ତ୍ରୀ ଟୁକୁନି ସାହୁ ଆହ୍ୱାନ ଦେଇଥିଲେ। ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳ କର୍ମୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

**ପାଟଣାଗଡ଼:** ଏହି ନିର୍ବାଚନମଣ୍ଡଳୀରେ ବିଜେଡି ୨ଟି ସ୍ଥାନରେ ତାର ପ୍ରତିଷ୍ଠା ଦିବସ ପାଳନ କରିଛି। ପାଟଣାଗଡ଼ ଦଳୀୟ କାର୍ଯ୍ୟାଳୟରେ ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଓଡ଼ିଶା ବିଧାନସଭା ଓ ବଲାଙ୍ଗୀର ଜିଲ୍ଲା ଯୋଜନା ବୋଡ଼ର୍ ଅଧ୍ୟକ୍ଷ ସରୋଜ ମେହେର ବିଭିନ୍ନ ଉନ୍ନତି ମୂଳକ କାମଗୁଡ଼ିକୁ ଦର୍ଶାଇଥିଲେ। ୩ଟି ବ୍ଲକର ସରପଞ୍ଚ, ସମିତିସଭ୍ୟ,ଏନ୍ଏସି ଅଧ୍ୟକ୍ଷ, ଅଧ୍ୟକ୍ଷା ଓ ଜିଲ୍ଲା ପରିଷଦ ସଭ୍ୟସଭ୍ୟାଙ୍କ ସହ ଉପଖଣ୍ଡର ହଜାର ହଜାର ନେତା ଓ କର୍ମୀ ଯୋଗ ଦେଇଥିଲେ। ବିଧାୟକ ଶ୍ରୀ ମେହେର ଉପଖଣ୍ଡରେ ଥିବା ବିଭିନ୍ନ ଅନୁଷ୍ଠାନର ସଭାପତି ଓ ସମ୍ପାଦକଙ୍କ ସହ ଉପଖଣ୍ଡର ସାମ୍ବାଦିକ ବନ୍ଧୁ ମାନଙ୍କୁ ମଧ୍ୟ ସମ୍ମାନିତ କରିଥିଲେ। ପରେ ମନ ଛୁଇଁଲା ଭଳି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରପକ୍ଷରେ, କିଛି ମାସ ପୂର୍ବେ ବିଜେଡିରେ ଯୋଗ ଦେଇଥିବା ଶିବାନନ୍ଦ ପରିଛା ତାଙ୍କ କିଛି ସମର୍ଥକ ଓ କର୍ମୀଙ୍କୁ ଲରମ୍ଭା ଗାଁର ସାପ୍ତାହିକ ବଜାରରେ ପ୍ରତିଷ୍ଠା ଦିବସ ପାଳନ କରିଛନ୍ତି।

**ବଙ୍ଗୋମୁଣ୍ଡା:** ବଙ୍ଗୋମୁଣ୍ଡାରେ ଏକ ବିରାଟ ବାଇକ ଶୋଭାଯାତ୍ରା ବ୍ଲକ ବିଜୁ ଜନତା ଦଳ ସଭାପତି ଉମ୍ବରୁଧର ମେହେର ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶହ ଶହ ବିଜୁ ଜନତା ଦଳ କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇ ଏକ ବିରାଟ ବାଇକ ଶୋଭାଯାତ୍ରା ମାଧ୍ୟମରେ ବଙ୍ଗୋମୁଣ୍ଡା ଗାଁ ପରିକ୍ରମା କରି ନବୀନ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସଚେତନ କରିଥିଲେ। ବାଇକ ଶୋଭାଯାତ୍ରାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ବିଜେଡି ନେତା ଅଜୟ ଦାସ, ସମ୍ମାନିତ ଅତିଥି ରାଜ୍ୟ ସମ୍ପାଦକ ରାଜୁ ଗିଭେଲା ଯୋଗ ଦେଇଥିବା ବେଳେ ଯୁବ ବିଜେଡି ଜିଲ୍ଲା ଉପସଭାପତି ବୁଲୁ ସିଂ ଦେଓ, ବିଜେଡି ନେତା ବିରଞ୍ଚି ଜାଲ, ପ୍ରଦୀପ ସାହୁ, ଘାରି ଥାନାପତି, ରୁଦ୍ର ସାହୁ, ବିଶ୍ୱନାଥ ସାହୁ, ଲୋକନାଥ ପ୍ରଧାନ, ରାମ ରଣା, ଧନେଶ୍ୱର ସତନାମିଙ୍କ ସହ ଶତାଧିକ ବିଜେଡି ନେତା ଉପସ୍ଥିତ ଥିଲେ।







## ହତ୍ୟା ମାମଲାରେ ଦୁଇ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

**ବଙ୍ଗୋମୁଣ୍ଡା, ୨୬।୧୨(ସମିସ):** ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଡେଡଗାଁରେ ଘଟିଥିବା ରୁଖାଡ ହତ୍ୟାକାଣ୍ଡର ଦୁଇ ଅଭିଯୁକ୍ତ କହ୍ନେୟା ତାଣ୍ଡି ଏବଂ ଓମକାର ସୁନା ଥାନାରେ ଆତ୍ମସମର୍ପଣ କରିଛନ୍ତି। ରୁଖାଡଙ୍କ ଭାଇ କରୁଣା ଗତ ୨୦୨୨ରେ ଏକ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିଲା। ସେହି ସମୟରୁ ଜୟନ୍ତୀ ଏକାକି ହୋଇପଡ଼ିଥିଲା। ପରିବାର ସହ ଯଦିବା ରହିଥିଲା ସେ ଅନ୍ୟ ଜଣେ ଯୁବକ ସହିତ ପ୍ରେମ ସମ୍ପର୍କ ଗଢିଥିଲେ। ଯାହାକୁ ନେଇ ରୁଖାଡ ତାଗିତ କରିଆସୁଥିଲେ। ଏହି କାର୍ଯ୍ୟକୁ ନେଇ ରୁଖାଡର ଭାଇବୋହୂ ଜୟନ୍ତୀ ରାସ୍ତାରୁ ହଟାଇବାକୁ ଯୋଜନା ପ୍ରସ୍ତୁତିରେ ଲାଗିପଡ଼ିଥିଲା। ଅନ୍ୟମାନଙ୍କ ସହାୟତାରେ ସଫଳ ମଧ୍ୟ ହୋଇଥିଲେ। ଘଟଣାର ତଦନ୍ତ କରି ପୋଲିସ ଜୟନ୍ତୀ ଓ ରୁପେଶକୁ ଗିରଫ କରି କୋର୍ଟଚାଲାଣ କରିବା ପରେ ଅନ୍ୟ ଅଭିଯୁକ୍ତକୁ ଧରିବା ପାଇଁ ଆଖପାଖ ଅଞ୍ଚଳ ତଥା ଛତିଶଗଡ଼କୁ ମଧ୍ୟ ତଦନ୍ତ ପାଇଁ ଜାଲ ବିଛାଇଥିଲା। ଶେଷରେ ଅଭିଯୁକ୍ତ କହ୍ନେୟା ଓ ଓମକାର ଥାନାରେ ସମର୍ପଣ କରିଥିବା ସିନ୍ଧେକାଲା ଥାନାଧିକାରୀ ବସନ୍ତ ଦଲାଇ ସୂଚନା ଦେଇଛନ୍ତି।

## ଯୁବତୀଙ୍କ ଆତ୍ମହତ୍ୟା

**ତୁରେକେଲା, ୨୬।୧୨(ସମିସ):** କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ତୁମେରତୁଆଁ ଗ୍ରାମରେ ଜଣେ ଯୁବତୀ ଦିନ ପ୍ରାୟ ୧ଟା ସମୟରେ ଆତ୍ମହତ୍ୟା କରିଛନ୍ତି। ପାରିବାରିକ କଳହକୁ ନେଇ ଆତ୍ମହତ୍ୟା କରିଥିବା ସନ୍ଦେହ ହୋଇଛି। ଗ୍ରାମର ନାଗ ପଡ଼ାରେ ରହୁଥିବା କନ୍ଦର୍ପ ନାଗଙ୍କ ଝିଅ ଅଞ୍ଜଳି (୨୩) ବେକରେ ଓଢ଼ଣୀ ଦେଇ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁସାରେ, ଅଞ୍ଜଳି ତାଙ୍କ ସମ୍ପର୍କୀୟ ଯୁବକଙ୍କୁ ପ୍ରେମ କରୁଥିଲେ। କିଛି ଦିନ ହେଲା କୌଣସି କାରଣରୁ ତାଙ୍କ ଘରେ କଳହ ଲାଗିରହିଥିବା ଶୁଣିବାକୁ ମିଳୁଥିଲା ବୋଲି ସ୍ଥାନୀୟ ଲୋକ କହୁଛନ୍ତି। ଏହି ଘଟଣାରେ କଣ୍ଟାବାଞ୍ଜି ଥାନା ପୁଲିସ ମୃତଶରୀର ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି।

## ପାଟଣାଗଡ଼ରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ବଲାଙ୍ଗିର, ୨୬।୧୨(ସମିସ):** ବର୍ଷର ଶେଷ ଯୁଗ୍ମ ଜନଅଭିଯୋଗ ଶୁଣାଣି ପାଟଣାଗଡ ବ୍ଲକ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଚଞ୍ଚଳ ରାଣା ଏବଂ ଆରକ୍ଷୀ ଅଧୀକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓଙ୍କ ସମେତ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ବିଡିଓ, ତହସିଲଦାର ଉପସ୍ଥିତ ଥିଲେ। ବିଭିନ୍ନ ସମସ୍ୟାମୂଳକ ମୋଟ ୫୫ଟି ଅଭିଯୋଗ ଦାଖଲ ହୋଇଥିଲା। ୪୭ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୮ଟି ସାମୁହିକ ଦରଖାସ୍ତ ଦାଖଲ ହୋଇଥିଲା। ୬ଟି ଅଭିଯୋଗ ଶୁଣାଣିର ଫଇସଲା ହୋଇଥିବା ବେଳେ ବାକି ଯଥାଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସହାୟତା ବାବଦରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଓ ଜିଲ୍ଲା ରେଡକ୍ରସ ପାଣ୍ଠିରୁ କୌଣସି ଆର୍ଥିକ ସହାୟତା ମଞ୍ଜୁର କରାଯାଇନାହିଁ। ପୂର୍ବରୁ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଏବଂ ମଡର୍ନ ରେକର୍ଡ କକ୍ଷର ଉଦଘାଟନ କରିଥିଲେ ଜିଲ୍ଲାପାଳ ଶ୍ରୀ ରାଣା।

### ହରିଶଙ୍କର ଉନ୍ନତିକରଣ କାର୍ଯ୍ୟ ନେଇ ନେତା-ଅଧିକାରୀ ହାତାହାତି

## ସହକାରୀ ଯନ୍ତ୍ରୀ, ସରପଞ୍ଚ କୋର୍ଟ ଚାଲାଣ

**ବଲାଙ୍ଗିର/ଖପ୍ରାଖୋଲ, ୨୬।୧୨(ସମିସ):** ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ତଥା ପର୍ଯ୍ୟଟନସ୍ଥଳୀରେ ଚାଲିଥିବା ରୂପାନ୍ତରଣ କାମକୁ ନେଇ ବିବାଦ ଦେଖାଦେଇଛି। ନିମ୍ନମାନର କାମ ଚାଲିଥିବା ଅଭିଯୋଗ



କରି କାର୍ଯ୍ୟ ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ ଓ ସ୍ଥାନୀୟ ନେତା ହାତାହାତି ହୋଇଛନ୍ତି। ଗଣ୍ଡଗୋଳ ସମୟର ଦୃଶ୍ୟ ମୋବାଇଲରେ ଘୂରି ବୁଲୁଛି। ଖପ୍ରାଖୋଲ ବ୍ଲକ୍ ଚଙ୍ଗରିଆ ପଞ୍ଚାୟତର ସରପଞ୍ଚ ସୁଶୀଲ ଗୁରୁ, ପଞ୍ଚମ ପ୍ରଧାନ ଓ ଅନ୍ୟ କିଛି ବ୍ୟକ୍ତି ହରିଶଙ୍କରକୁ ଯାଇଥିଲେ। ସେଠାରେ ଚାଲିଥିବା କାମକୁ ନେଇ ସୁଶୀଲ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ତୁରନ୍ତ ବନ୍ଦ କରାଯାଉ ବୋଲି ବିରୋଧ କରିଥିଲେ। ଫଳରେ ସେଠାରେ ଥିବା ଏସଡିଓ ତଥା ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ଦାସ ଓ ଜେଇ ତାଙ୍କୁ ବୁଝାଇବାକୁ ଆସିଥିଲେ। ସୁଶୀଲ କିନ୍ତୁ ତାଙ୍କର କଥା ବୁଝିବାକୁ ନାରାଜ ଥିଲେ। ଫଳରେ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଭାଇରାଲ ହେଉଥିବା ଭିଡିଓରେ ଏସଡିଓ ତାଙ୍କୁ ସୁଶିଲ ମେହେରଙ୍କୁ ଆକ୍ରମଣ କରିଥିବା ଦେଖାଯାଉଛି। ଏସଡିଓଙ୍କ କହିବାନୁସାରେ ପ୍ରଥମେ ସୁଶୀଲ ମେହେର ତାଙ୍କୁ ଆକ୍ରମଣ କରିଛନ୍ତି। ଆକ୍ରମଣରୁ ବର୍ତ୍ତିବାକୁ ଯାଇ ଏସଡିଓ ତାଙ୍କଠାରୁ ବାଡି ଛଡାଇଥିବା କହିଥିଲେ। ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ପରେ ମାମଲା ରୁଜୁକରି ଘଟଣାର ତଦନ୍ତ କରିବା ସହ ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ଶେଷ ରିପୋର୍ଟ ସୁଦ୍ଧା ଜଣାପଡ଼ିଛି। ଏହି ଘଟଣାରେ ପାଟଣାଗଡ଼ର ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂ ଦେଓ ଥାନାରେ ପହଞ୍ଚି ଆଲେଚନା କରିଥିଲା ବେଳେ ଜିଲ୍ଲା ବେଶ୍ ଚର୍ଚ୍ଚାର ବିଷୟ ରହିଛି। ପାଟଣାଗଡ଼ ଏସଡିପିଓ ଜ୍ୟୋତିର୍ମୟ ଭୁକ୍ତା ଘଟଣାର ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି।

## ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନକୁ ନିମନ୍ତ୍ରଣ ପାଇଁ ବଲାଙ୍ଗିରରେ ପ୍ରତିନିଧି

**ବଲାଙ୍ଗିର, ୨୬।୧୨(ସମିସ):** ପୁରୀଠାରେ ଶ୍ରୀଜଗନ୍ନାଥ ମନ୍ଦିରର ପରିକ୍ରମା ପ୍ରକଳ୍ପ ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିବାକୁ ମଙ୍ଗଳବାର ରାତିରେ ବଲାଙ୍ଗିର ପହଞ୍ଚିଛନ୍ତି ସ୍ୱତନ୍ତ୍ର ପ୍ରତିନିଧି ଦଳ। ଜିଲ୍ଲା ପ୍ରଶାସନିକ ଅଧିକାରୀ ଯୋଜନା ଓ ସମନ୍ୱୟ ବିଭାଗର ଉପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ତ୍ରିପାଠୀ ଏହି ପ୍ରତିନିଧି ଦଳଙ୍କୁ ବଲାଙ୍ଗିରକୁ ପାଛୋଟି ଆଣୁଥିବା ବେଳେ ବଲାଙ୍ଗିରରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ବୁଧବାର ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ନିମନ୍ତ୍ରଣପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏହି ପ୍ରତିନିଧି ଦଳରେ ବିପିନ ପତ୍ରୀ, ଜଗକୃଷ୍ଣ ମହାପାତ୍ର ଓ ରାମକୃଷ୍ଣ ଚନ୍ଦ୍ର ପ୍ରତିହାରୀ ରହିଛନ୍ତି। ଏହି ଦଳ ସ୍ଥାନୀୟ ସର୍କିଟ ହାଉସରେ ରାତ୍ରିଯାପନ କରିବେ। ବଲାଙ୍ଗିରରେ ନିମନ୍ତ୍ରଣ କାର୍ଯ୍ୟକ୍ରମ ସରିବା ପରେ ଏହି ପ୍ରତିନିଧି ଦଳ ନୂଆପଡ଼ା ଜିଲ୍ଲା ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ହରିଶଙ୍କର ମନ୍ଦିର ଓ ତୁଷୁରାସ୍ଥିତ ଜଗନ୍ନାଥ ମନ୍ଦିରକୁ ନିମନ୍ତ୍ରଣପତ୍ର ପ୍ରଦାନ କରାଯିବ ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ସୂଚନା ଦେଇଛନ୍ତି।



କଣ୍ଟାବାଞ୍ଜି ଆମ ଆଦମୀ ନେତା ସୁରଥ ବେହେରାଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ କର୍ମୀ ଏକ ଶୋଭଯାତ୍ରାରେ ଆସି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ମାଧ୍ୟମରେ ଏକ ଦାବିପତ୍ର ବଲାଙ୍ଗିର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ

**ଟିଟିଲାଗଡ଼, ୨୬।୧୨(ସମିସ):** ପ୍ରଧାନମନ୍ତ୍ରୀଙ୍କ ସାଂସଦ ଖେଳ ମହୋତ୍ସବ କୁରସୁଡ ନୀଳଚକ୍ର ଫୁଟବଲ ଖେଳ ପଡିଆରେ ୨୬ତମ ପ୍ରତିଯୋଗିତା ମଙ୍ଗଳବାର ଉଦଯାପିତ ହୋଇଯାଇଛି। ସାଂସଦଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ




୧୦ ଲକ୍ଷ ଟଙ୍କାରେ ମିନି ଷ୍ଟାଡିୟମ ନିର୍ମାଣ ହୋଇଥିବାରୁ ସର୍ବପ୍ରଥମେ ବଲାଙ୍ଗିର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂହ ଦେଓ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ଖରିଆର ଓ ଟିଟିଲାଗଡ଼ ମଧ୍ୟରେ ଖରିଆର ୨-୦ ଗୋଲରେ ବିଜୟୀ ହୋଇଥିଲା। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ସଙ୍ଗିତା ବେହେରା, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ପୂର୍ବତନ ବିଧାୟକ ପ୍ରାର୍ଥୀ ମହେନ୍ଦ୍ର ଠାକୁର, ବିଜେପି ୮ ନମ୍ବର ଜୋନ ସଭାପତି ନିମାଇଁ ଚରଣ ବେହେରା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଆଶିଷ ସାହୁ, ଆୟୋଜକ କମିଟିର ସଭାପତି ସୁବୋଧ ବେହେରା, ସମ୍ପାଦକ କାହ୍ନା ବେହେରା, ଉପସଭାପତି ବିରଞ୍ଚି ବାଗ, ସହସମ୍ପାଦକ ଲଛମନ ଜାନି, ପ୍ରଦୀପ ବେହେରା, ଆନନ୍ଦ ବେହେରା, ସନ୍ତୋଷ ବେହେରା, ବିକାଶ ପାଢୀ, ନିରଞ୍ଜନ ମାଝୀ, କୁଳମଣି ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଗତ ବେହେରା, ସଙ୍କୀର୍ତ୍ତନ ଯାନି, ମୋହନ ସାହୁ ଓ ସୁବ୍ରତ ନାଏକ ଖେଳ ପରିଚାଳନା କରିଥିଲେ। ସମସ୍ତ ଖେଳାଳିଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

## ଶିକ୍ଷାବିତ୍, ଜ୍ୟୋତିର୍ବିତ୍ କୁଞ୍ଜବିହାରୀଙ୍କ ପରଲୋକ

**ବଲାଙ୍ଗିର, ୨୬।୧୨(ସମିସ):** ବିଶିଷ୍ଟ ଶିକ୍ଷାବିତ ତଥା ଜ୍ୟୋତିର୍ବିତ୍ କୁଞ୍ଜବିହାରୀ ମିଶ୍ରଙ୍କ ପରଲୋକ ହୋଇଛି। ବଲାଙ୍ଗିର ଆରଟିଓ ଛକ ସାବରମତୀ ଲେନସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଥିବା ଜଣାପଡ଼ିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହେଉଥିଲା। ବାର୍ଦ୍ଧକ୍ୟଜନିତ କାରଣରୁ ସେ ଗତ ୫ ଦିନ ହେଲା ଶଯ୍ୟାଶାୟୀ



ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡପୁଅ ନରସିଂହ, ବୋହୂ ମମତା, ସାନପୁଅ ରାଜେନ୍ଦ୍ର, ବୋହୂ ମିନତୀ, ନାତି ନାତୁଣୀ ଶୁଭମ, ପ୍ରିତମ, ପ୍ରିୟଙ୍କା, ଶ୍ରିୟଙ୍କା, ସିମରନ, ଦୁଇ ଝିଅ ପ୍ରମିଳା, ସୌଦାମିନୀ, ଜ୍ୱାଇଁ ରାଧାକାନ୍ତଙ୍କ ସହ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଆରଟିଓ ଛକ ନିଟକ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର ସ୍ୱର୍ଗତଃ ମିଶ୍ରଙ୍କ ପୈତୃକ ଘର ବଲାଙ୍ଗିର ସଦର ବ୍ଲକ ଡମଣାସର କରାଯାଇଥିଲା। ଚୂଡାପାଲି ନିକଟସ୍ଥ ଡଙ୍ଗାଘାଟ ଗ୍ରାମ ବିଦ୍ୟାଳୟ ରୁ ସେ ତାଙ୍କର ଶିକ୍ଷକତା ବୃତ୍ତି ଆରମ୍ଭ କରିଥିଲେ। ୧୯୯୮ରେ ରାମସିଂହା ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ତାଙ୍କର ବିୟୋଗରେ ଶୋକ ଖେଳିଯାଇଛି।

## ପ୍ରତାପସାଗର ବନ୍ଧର ପୁନରୁଦ୍ଧାର ପାଇଁ ସଭା

**ବଲାଙ୍ଗିର, ୨୬।୧୨(ସମିସ):** ବଲାଙ୍ଗିର ନଗର କଂଗ୍ରେସ କମିଟି ତରଫରୁ ପ୍ରତାପସାଗରପଡ଼ାଠାରେ ପ୍ରତାପସାଗର ବନ୍ଧର ପୁନରୁଦ୍ଧାର ନିମନ୍ତେ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଛି। ସଭାରେ ବକ୍ତମାନେ ପୌରପାଳିକା ଓ ପୌରଧ୍ୟକ୍ଷାଙ୍କୁ ସମାଲୋଚନା କରିଥିଲେ। ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପଥପ୍ରାନ୍ତ ସଭାରେ ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ମନୀଷ ମିଶ୍ର, କୋଷାଧ୍ୟକ୍ଷ ଜୁଲୁ ପଟ୍ଟନାୟକ, ଜିଲ୍ଲା କିଶାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ର, ଜିଲ୍ଲା କଂଗ୍ରେସ କମିଟି ପ୍ରବକ୍ତା ଅଜୟ ବାଲି, ଓମ୍ କୁମ୍ଭାର, ଅଙ୍କିତ ସାହୁ, ସୀତାରାମ କୁମ୍ଭାର, ସରୋଜ ପଟ୍ଟନାୟକ, ସମୀର କୁମ୍ଭାର, ଜୁପଲୁ ମହାନ୍ତି, ଦିଲ୍ଲୀପ ସାମଲ, ସଞ୍ଜୟ ମିଶ୍ର, ଶୁଭେନ୍ଦୁ ସାହୁ, ଅଜୟ ତ୍ରିପାଠୀ, ଚିତ୍ତ ମିଶ୍ର, ତୁଷାର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

# କଳାହାଣ୍ଡିରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳିତ

**ଭବାନୀପାଟଣା, ୨୬।୧୨ (ସମିସ)**

ଆଜି ନାସିଗାଁଠାରେ ବିଜୁ ଜନତା ଦଳ ପକ୍ଷରୁ ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାୟକଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ରାଜ୍ୟସଭା ସାଂସଦ ସୁଜିତ କୁମାର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ରାଜ୍ୟରେ ବୈପ୍ଳବିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ଓ ତାହାର ଉପଯୋଗ ପାଇଁ ସାଧାରଣ ଜନତା ଏବଂ ବିଜୁ ଜନତା ଦଳ ମଧ୍ୟରେ ସମ୍ପର୍କର ଶକ୍ତିଶାଳୀ ସେତୁ ନିର୍ମାଣ ହୋଇପାରିଛି। ତତସହିତ ପ୍ରଶାସନର ନିଷ୍ଠା କାର୍ଯ୍ୟ ଦକ୍ଷତା କର୍ମକୁଶଳତା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଚାଲିଛି। ବିଜୁ ଜନତା ଦଳକୁ ଭଲପାଇବା ପ୍ରସଙ୍ଗରେ ସ୍ୱତଃ ପ୍ରମାଣିତ ହୋଇଛି ଯେ ସାଧାରଣ ମଣିଷର ବିଶ୍ୱାସ ଓ ଭରସାର ଦଳ ବିଜୁ ଜନତା ଦଳ ବୋଲି ସଭାରେ ମତ ପ୍ରକାଶ କରିଥିଲେ। ଓଡ଼ିଶାର ସର୍ବବୃହତ ଆଞ୍ଚଳିକ ଦଳ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ଭବାନୀପାଟଣା









## ପୌର ପରିଷଦ ପକ୍ଷରୁ ରକ୍ତଦାନ ଶିବିର, ଫଳ ବଣ୍ଟନ ଓ ବୃକ୍ଷରୋପଣ

ପୌରପାଳିକା ପୌରାଧକ୍ଷା ସଂଯୁକ୍ତା ବେହେରାଙ୍କ ନେତୃତ୍ୱ ଆଜି ଭବାନୀପାଟଣା ଠାରେ ମଧ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ସକାଳୁ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟାର୍ପଣ କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଭବାନୀପାଟଣା ଠାରେ ଓଡ଼ିଶା -ମୋ ପରିବାର ଆନୁକୂଲ୍ୟରେ ଶିଶୁ ଏବଂ ପ୍ରସୂତି ବିଭାଗରେ ରୋଗୀଙ୍କୁ ଫଳବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା ଏବଂ ଭବାନୀପାଟଣା ମୁନିସିପାଲିଟି ଉଚ୍ଚ ବିଦ୍ୟାଳୟଠାରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ଏହି ଅବସରରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମିଶ୍ର, ପୂର୍ବତନ ବିଧାୟକ ଅନାମ ନାଏକ, ଦୁଷ୍ମନ୍ତ ନାଏକ, ନବୀନ ଓଡ଼ିଶା ଭବାନୀପାଟଣା ଏବଂ ଧର୍ମଗଡ଼ ଉପଖଣ୍ଡ ସ୍ତରୀୟ ସଂଯୋଜକ ବଦ୍ରି ପଟ୍ଟନାୟକ, ଆଦିତ୍ୟ ନନ୍ଦ, ପୌର ଉପାଧକ୍ଷ ବିଷ୍ଣୁ ପ୍ରଧାନ, ପୂର୍ବତନ ନଗରପାଳିକା ଲଳିତା ନାଏକ, ପୂର୍ବତନ ପୌର ଉପାଧକ୍ଷ ସବିତା ପ୍ରଧାନ, ଚିତ୍ତରଞ୍ଜନ ମଣ୍ଡଳ, ରାଜ୍ୟ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ଜିଲ୍ଲା ଉପସଭାପତି ସାମନ୍ତ ଖମାରୀ, ଅଶେଶ୍ୱର ବାଗ, ସହର ସଭାପତି ଧବଳେଶ୍ୱର ମହାପାତ୍ର, ଟାଉନ ଯୁବ ସଭାପତି ପୀତବାସ ବେହେରା, ସେନାପତି ନାଏକ, ରାଜୀବ ଶତପଥି, ଉଦୀଆ ସୁନାନୀ, ପ୍ରଶାନ୍ତ ନାଏକ, ଚକ୍ରଧର ସେଠି, ବୀଣାପାଣି ସେଠି, ଓଡ଼ିଶା ମୋ ପରିବାର ସହାୟକ ହିମାଂଶୁ ନାଏକ, ଜୀବନବିନ୍ଦୁ ଜିଲ୍ଲା ସଂଯୋଜକ ଅମିତ ଯାଦବ, ସମିତା ନାଏକ, ମମତା ଦାସ, ହାରାମଣି ଗଣ୍ଡ, କ୍ଷୀରସିନ୍ଧୁ ନାଏକ, ଗିରିଜା ଗହୀର, ପ୍ରଶାନ୍ତ ଠାକୁର, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଶିବାଜୀ ମାଝୀ, ମଞ୍ଜୁଶ୍ରୀ ନାଏକ, ପ୍ରଭାତୀ ମହାରଣା ସହ ଅନ୍ୟ ପରିଷଦ ବୃନ୍ଦ ତଥା ବିଜୁ ଜନତା ଦଳର ଜିଲ୍ଲା ତଥା ରାଜ୍ୟ ସ୍ତରୀୟ ପଦାଧିକାରୀ, ଯୁବ, ମହିଳା, ଛାତ୍ର ଜନତା ଦଳର କର୍ମକର୍ତ୍ତା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଉପସ୍ଥିତ ରହି ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସରେ ପ୍ରଗତିପୁରୁଷ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଜନତାର ସେବାରେ ସର୍ବଦା ନିୟୋଜିତ ରହି କଳାହାଣ୍ଡିକୁ ଏକ ସମୃଦ୍ଧ ଓ ବିକଶିତ ଜିଲ୍ଲା ରେ ପରିଣତ କରି, ନାରୀ ସଶକ୍ତିକରଣ ଦିଗରେ ଆଗେଇ ନେବେ ବୋଲି ସଂକଳ୍ପ ହୋଇଥିଲେ। ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ବିଜୁ ଜନତା ଦଳ, କଳାହାଣ୍ଡି ଦ୍ୱାରା ତା.୨୫.୧୨.୨୦୨୩ ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ମୋ ପରିବାର ଏବଂ ଜୀବନ ବିନ୍ଦୁ ଆନୁକୂଲ୍ୟରେ ରେ ଏକ ରକ୍ତଦାନ ଶିବିର ମଧ କରାଯାଇଥିଲା।

ବିଜୁ ଜନତା ଦଳର ୨୬ ବର୍ଷ ପୂର୍ତ୍ତି ଏବଂ ୨୭ତମ ପ୍ରତିଷ୍ଠା ଦିବସକୁ ନିଆରା ଢଙ୍ଗରେ ପାଳନ କରିଛି କଳାହାଣ୍ଡି ଜିଲ୍ଲା ଛାତ୍ର ବିଜେଡି। ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ ଆଜି ଭବାନୀପାଟଣା ଠାରେ କମ୍ବଳ ବଣ୍ଟନ କରାଯାଇଛି। ଭବାନୀପାଟଣାସ୍ଥିତ ମାଣିକେଶ୍ୱରୀ ମନ୍ଦିର, ଜଗନ୍ନାଥ ମନ୍ଦିର, ଦୁର୍ଗା ମଣ୍ଡପ, ହନୁମାନ ମନ୍ଦିର ପାଖରେ ବସୁଥିବା ଭିକ୍ଷୁକ ଏବଂ ଭବାନୀପାଟଣା ସହରର କିଛି ଅସହାୟ ଅବସ୍ଥାରେ ଥିବା ବୟସ୍କ ବ୍ୟକ୍ତି, ନିରାଶ୍ରୟ ମାନଙ୍କୁ ଶୀତ ଦାଉରୁ ରକ୍ଷା ପାଇଁ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତା ମାନେ କମ୍ବଳ ବଣ୍ଟନ କରି ବିଜେଡିର ପ୍ରତିଷ୍ଠା ଦିବସକୁ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର ବିଜେଡି ଉପ ସଭାପତି ଅଭିଷେକ ମହାପାତ୍ର, ଜିଲ୍ଲା ଛାତ୍ର ବିଜେଡି ଉପ ସଭାପତି ଜିତେନ୍ଦ୍ର ବେହେରା, ଟାଉନ ସଭାପତି ନବୀନ ନାୟକ, କାମାକ୍ଷ ସିଂହଦେଓ, ବୀର ନିଆଲ, ରୋମାଞ୍ଚଳ ମେହେର, ମାନସ ରାଉତ, ବିକାଶ ଠାକୁର ପ୍ରମୁଖ ଯୋଗଦେଇଥିଲେ।

# ନୂଆପଡ଼ାରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ




**ନୂଆପଡ଼ା, ୨୬।୧୨(ସମିସ):** ବିଜେଡିର ୨୭ତମ ବିଜେଡିର ପ୍ରତିଷ୍ଠା ଦିବସରେ ନୂଆପଡ଼ା ସହର ସରଗରମ ହୋଇପଡ଼ିଥିବାବେଳେ ଆଗାମୀ ନିର୍ବାଚନ ପାଇଁ ବିଗୁଲ ବଜାଇଲେ ଶତାଧିକ ବିଜେଡି କର୍ମୀ। ଏହି ଅବସରରେ ବିଜେଡି ତରଫରୁ ଶତାଧିକ ରୋଗୀଙ୍କୁ ଫଳ ବଣ୍ଟନ କରାଯିବା ସହ ରକ୍ତଦାନ ଶିବିରରେ ରକ୍ତ ସଂଗୃହୀତ ହୋଇଥିଲା। ପୂର୍ବାହ୍ନ ୯ଟାବେଳେ ସ୍ଥାନୀୟ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ବିଧାୟକଙ୍କ ପ୍ରତିନିଧି ଜୟ ଢୋଲକିଆଙ୍କ ନେତୃତ୍ୱରେ ଫଳ ବଣ୍ଟନ କରାଯାଇଥିଲା। ଏଥିରେ ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ରାମଲାଲ ହଂସ, ଜିଲ୍ଲା ଯୁବ ବିଜେଡି ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଜିଲ୍ଲାପରିଷଦ ସଭ୍ୟ ଭାନୁପ୍ରତାପ ସିଂ ମାଝୀ, ନୂଆପଡ଼ା ବ୍ଲକ ଉପାଧକ୍ଷ ଦିଲିପ କୁମାର ନିର୍ମଳକର, ସମାଜସେବୀ ଶ୍ୟାମ କେଶରବାନୀ, ସନ୍ଦେଶ ଢୋଲକିଆ, ନୂଆପଡ଼ା ଏନଏସି ଅଧକ୍ଷ ମହମ୍ମଦ ଆଦମ, କାଉନସିଲର ସଙ୍ଗୀତା ପାରଖ, ଶିବୁ ପାତ୍ର, ଯାଜ୍ଞସେନୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରେ ସ୍ଥାନୀୟ ବସଷ୍ଟାଣ୍ଡଠାରୁ ଏକ ବିଶାଳ ଶୋଭାଯାତ୍ରାରେ କର୍ମକର୍ତାମାନେ ବାହାରି ଏକତା ଛକ ନିକଟରେ ସ୍ୱର୍ଗୀୟ ମନ୍ତ୍ରୀ ଘାସିରାମ ମାଝୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଶୋଭାଯାତ୍ରା ଭରଦ୍ୱାଜ ମଣ୍ଡପ ପର୍ଯ୍ୟନ୍ତ ଚାଲିଥିଲା। ସେଠାରେ ଏକ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ମନୋଜ କୁମାର ମିଶ୍ର ସଭାପତିତ୍ୱ କରିଥିବାବେଳେ ଜିଲ୍ଲା ଯୁବ ବିଜେଡି ସଭାପତି ହରିଶ୍ଚନ୍ଦ୍ର ପଣ୍ଡା ମନଚ ପରିଚାଳନା କରିଥିଲେ। ବିଧାୟକଙ୍କ ପ୍ରତିନିଧି ଜୟ ଢୋଲକିଆ ମୁଖ୍ୟଅତିଥି, ରାଜ୍ୟ ବିଜେଡି ସମ୍ପାଦକ ରାଜେଶ କୁମାର ନିଗମ, ସରୋଜ କୁମାର ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଭଗତ ରାମ ମାଝୀ, ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ରାମଲାଲ ହଂସ, ଜିଲ୍ଲାପରିଷଦ ଉପାଧକ୍ଷା ଦୀପିକା କୌଶଲ୍ୟା ଦୀପ, ଜିଲ୍ଲାପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଷୀ, ଭାନୁପ୍ରତାପ ସିଂ ମାଝୀ, ଉମା ଠାକୁର, ଜିଲ୍ଲା ସାଧାରଣ ସମ୍ପାଦକ କାର୍ତିକ ଦୀପ, ସୁଧିର ମିଶ୍ର, କାଳିଆ ପ୍ରଧାନ, କ୍ଷମା ସିଂ ନିଆଲ, କୋମନା ବ୍ଲକ ଅଧକ୍ଷା ଅନୁସୂୟା କୁମ୍ଭାର, ଉପାଧକ୍ଷ ଜୟଦେବ ପ୍ରଧାନ, ବଣ୍ଟି ଡାଗା, ନୂଆପଡ଼ା ବ୍ଲକ ଉପାଧକ୍ଷ ଦିଲିପ କୁମାର ନିର୍ମଳକର ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ କର୍ମକର୍ତାମାନେ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନକୁ ଦୃଢତାର ସହ ମୁକାବିଲା କରି ନୂଆପଡ଼ା ବିଧାୟକ ତଥା ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବୁବୋଲି ମତ ରଖିଥିଲେ। ଏହି ଅବସରରେ ମୋଟ ୪୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

**ନୂଆପଡ଼ା/ବୋଡେନ :** ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ପବିତ୍ର ତୀର୍ଥପୀଠ ପାତଳଗଙ୍ଗାଠାରେ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଖଡ଼ିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ତଥା ଖଡ଼ିଆଳ ବିଧାନସଭା ମଣ୍ଡଳୀର ବରିଷ୍ଠ କର୍ମ କର୍ତା ଲମ୍ବୋଦର ନିଆଲଙ୍କ ଅଧକ୍ଷତାରେ ଶତାଧିକ କର୍ମୀମାନେ ବୋଡ଼େନ ବସ୍ତି ପରିକ୍ରମା କରିଥିବାବେଳେ ପାତଳଗଙ୍ଗା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଏକବିରାଟ ସଭା ଆୟୋଜିତ ହୋଇଥିଲା। ସଭାରେ ଜିଲ୍ଲା ବିଜେଡି ସହ ସମ୍ପାଦକ ତଥା ଆଇନଜିବୀ ଯୋଗେନ୍ଦ୍ର ନାଥ ମାଝୀ ଅତିଥି ପରିଚୟ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝୀ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ନୂଆପଡ଼ା ଜିଲ୍ଲା କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ବେହେରା, ଜିଲ୍ଲା ମହିଳା ସଭାନେତ୍ରୀ ସରସ୍ୱତୀ ବାଗ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତି ସିଂହ ମାଝୀ, ତନୟା ଶବର, ମଲ୍ୟବନ୍ତ ସୁନା, ପୁଷ୍ପାଞ୍ଜଳି ଗୁଆଲ, ଯାଜ୍ଞସେନି କଟା, ଜିଲ୍ଲା ଛାତ୍ର ସଭାପତି ଅମିତ ସିଂହ ଦେଓ, ବୋଡ଼େନ ବ୍ଲକ ସଭାପତି ଲୋକନାଥ ଛତ୍ରିଆ, ସିନାପାଲି ବ୍ଲକରୁ ଗରୁଡ଼ଧ୍ୱଜ ବେହେରା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ଶେଫାଳୀ ସଲମା, ମିନତି କାଣ୍ଡ, ଭଇଶାଦାନି ସରପଞ୍ଚ ଗିରିଜା ମାଝୀ, ସୁନାପୁର ସରପଞ୍ଚ ମୁକ୍ତା ରାଉତ, ଜିଲ୍ଲା ଯୁବ ସଭାପତି ମହେନ୍ଦ୍ର ସୁନାନି, ଯୋଗେନ୍ଦ୍ର ପାଣ୍ଡେ, ବୋଡ଼େନ ବ୍ଲକ ଯୁବ ସଭାପତି ଦିଗପାଳ ନାଗ, ସିନାପାଲି ଯୁବ ସଭାପତି ଇନାୟାତ ଖାଁ, ପରକ୍ଷିତ ସତନାମି, ଅଭିଳାଷ ଗୁଆଲ ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ଥିଲେ। ଏହି ସଭାରେ ଆଗାମୀ ୨୦୨୪ ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ଉପରେ ଓ ବିଜେଡିର ପ୍ରତିଷ୍ଠା ଦିବସ ଅବସରରେ ବିଜେଡ଼ି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଲୋକମାନଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଆଗାମୀ ନିର୍ବାଚନରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀକୁ ବିଜେଡ଼ି ହାତରେ ପ୍ରାର୍ଥୀ ଜିତାଇବୁ ବୋଲି ଶପଥ ପାଠ ଗ୍ରହଣ କରାଯାଇଥିଲା। ଏଥିରେ ସନ୍ଦୀପ ଦଣ୍ଡସେନା, ସୂର୍ଯ୍ୟପ୍ରକାଶ ଦେଓ, ମମତା ଥପ୍ପା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀକାନ୍ତ ସିଂ ମାଝୀ ଓ ପ୍ରବୀଣ ନିଆଲ ପ୍ରମୁଖଙ୍କ ସହ ବିଜେଡିର କର୍ମୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



# ବିଜେଡିର ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର

**ଜୁନାଗଡ଼, ୨୬।୧୨(ସମିସ):** ଜୁନାଗଡ଼ ବିଜେଡି ପକ୍ଷରୁ ପ୍ରତିଷ୍ଠା ଦିବସରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ମୋଟ ୮୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଜଣାଯାଇଛି। ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପାଧକ୍ଷା ସୁଧୀରା ମେହେର, ବ୍ଲକ ଅଧକ୍ଷା ସବିତା ମେହେର, ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ଏନ୍ଏସି ଉପାଧକ୍ଷ ହିଁମାଦ୍ରୀ ନାଏକ, ସରପଞ୍ଚ ସଂଘ ସଭାପତି ତାରା ରାଏଗୁରୁ, ପୂର୍ବତନ ନଗର୍ ପାଲ ମହେଶ୍ ସାହୁ, ପୂର୍ବତନ ଅଧକ୍ଷା ବିଜୟଲକ୍ଷ୍ମୀ କନ୍ଦପାନ, ବିଧାୟକ୍ ପ୍ରତିନିଧି ଦିନେଶ୍ ବଗର୍ତ୍ତୀ, ବରିଷ୍ଟ ସଦସ୍ୟ




ଦିଗାମ୍ବର ନାଏକ, ପିତାମ୍ବର ରଣକ୍ଷ, କାଳିଆ କନ୍ଦପାନ, ସତୀଶ ପ୍ରଧାନ, ମନୀଷା ସାହୁ, ହିଁମାଦ୍ରୀ ଧାଙ୍ଗଡ଼ା ମାଝୀ, ପୁଷ୍ପାଞ୍ଜଳି ଦଣ୍ଡସେନା, କୁନି ଶବର, କାହ୍ନୁ ବୈଠାରୁ, , ଚକ୍ର ବାଗ, ସଚିନ୍ ଆଦାନୀ ଏବ୍ ଅନେକ୍ କର୍ମୀ ଓ ବିଭିନ୍ନ ସଂଗଠନ ର କର୍ମ କର୍ତ୍ତା ଉପସ୍ଥିତ ରହି ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ର ଟେକ୍ନିସିଆନ୍ ଉପସ୍ଥିତ ରହି ଦାୟିତ୍ୱ ତୁଲାଇଥିଲେ। ପ୍ରତିଷ୍ଠା ଦିବସ ଅବସରରେ ଏକ ସାଧରଣ ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ବିଭିନ୍ନ ସ୍ଥାନରେ ବିଜେଡିର ପ୍ରତିଷ୍ଠା ଦିବସ

**ଧର୍ମଗଡ଼, ୨୬।୧୨ (ସମିସ)**

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ଠାରେ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉପଖଣ୍ଡ ସ୍ତରୀୟ ବିଜୁ ଜନତା ଦଳର ଏକ ବିଶାଳ ଶୋଭାଯାତ୍ରା ଧର୍ମଗଡ଼ ସହର ପରିକ୍ରମା






କରିଥିଲା। ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଧର୍ମଗଡ଼ ବିଧାୟକ ମୌଷଧି ବାଗ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆଜି ଲୋକଙ୍କ ଆଶୀର୍ବାଦରୁ ବିଜୁ ଜନତା ଦଳ ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ୨୬ ବର୍ଷ ମଧ୍ୟରେ ଓଡ଼ିଶା ର ବିକାଶ ଆଜି ଦେଶ ବିଦେଶରେ ଆଦର୍ଶ ପାଲଟିଛି ବୋଲି ସେ ପ୍ରକାଶ କରିଥିଲେ। ପ୍ରବାଦ ପୁରୁଷଙ୍କ ମାର୍ଗ ଅନୁସରଣ କରି ପ୍ରଗତି ପୁରୁଷ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାକୁ ଆହୁରି ସମୃଦ୍ଧ ଓ ବିକଶିତ କରିବା ପାଇଁ ସଂକଳ୍ପ ନେବା ବୋଲି ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଆହ୍ୱାନ ଦେଇଥିଲେ। ରାଜ୍ୟ ସାମାଜିକ କଲ୍ୟାଣ ବୋର୍ଡ଼ର ଅଧକ୍ଷା କଲ୍ୟାଣୀ ନାଏକ, ଜିଲ୍ଲା ଉପ ସଭାପତି ପ୍ରଦୀପ କୁମାର ମୁଣ୍ଡ, ଏନଏସି ଉପାଧକ୍ଷା ମନୀଷା ମିଶ୍ର, ବିଜୁ ମହିଳା ସେଲ ର ସୁଶ୍ରୀ ହୀରା ବାଗ, ଜିଲ୍ଲା ଉପ ସଭାପତି ଥବିର ପ୍ରସାଦ ସାହୁ, ଜିଲ୍ଲା ସମ୍ପାଦକ ଗୌର ଛତ୍ରିଆ, ପ୍ରଶାନ୍ତ ତିୱାରୀ, ପ୍ରେମଲାଲ ନାଏକ, ଜିଲ୍ଲା ସମ୍ପାଦକ ନବୀନ ପଣ୍ଡା, କୋକସରା ବ୍ଲକ ସମ୍ପାଦକ ପଙ୍କଜ ପୋଡ଼, ନିର୍ବାଚନ ମଣ୍ଡଳୀ ସଭାପତି ମାନସ ବାଗ, ସରକାରୀ ଓକିଲ ଧୀରେନ୍ଦ୍ର ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଜୁଏଡ, ସଭ୍ୟା ନିବେଦିତା ହଂସ, କୋକସରା ବ୍ଲକ ସଭାପତି ସୁଶାନ୍ତ ବେହେରା, ଧର୍ମଗଡ଼ ବ୍ଲକ ମହିଳା ସଭାପତି ମିଥିଳା ପୁଞ୍ଜି, ଜୁନାଗଡ଼ ଆରଏମସି ଉପ ସଭାପତି ବିବେକ ରଞ୍ଜନ ମିଶ୍ର, ଜିଲ୍ଲା ଏସସି ସେଲ ଉପ ସଭାପତି କ୍ଷୀରୋଦ ବାଗ, ଧର୍ମଗଡ଼ ବ୍ଲକ ପ୍ରତିନିଧି ସ୍ୱାଧୀନ ବାଗ ସମେତ ଶତାଧିକ ବିଜୁ ଜନତା ଦଳର କର୍ମୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ବିଜୁ ଜନତା ଦଳର ଧର୍ମଗଡ଼ ବ୍ଲକ ସଭାପତି ସ୍ୱାଗତ ଭାଷଣ ଦେଇ ଥିବା ବେଳେସୁଶ୍ରୀ ହୀରା ବାଗ ଧନ୍ୟବାଦ୍ ଦେଇଥିଲେ। ଏହି ଅବସରରେ କୋକସରା, କଲମପୁର, ଧର୍ମଗଡ଼ ବ୍ଲକର ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି ବିଶେଷ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ।

**କର୍ଲାମୁଣ୍ଡା :** ବେଲଖଣ୍ଡିସ୍ଥିତ ଐତିହାସିକ ଶୈବପୀଠରେ ନର୍ଲା ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡି ର ୨୭ତମ ପ୍ରତିଷ୍ଠା ଦିବସ ପାଳିତହୋଇଯାଇଛି। ମ.ରାମପୁର ସଭାପତି ଗୋବିନ୍ଦ ପ୍ରସାଦ ଶତପଥି ଙ୍କ ସଂଯୋଜନା ରେ ଆୟୋଜିତ ସଭାରେ ନର୍ଲା ବିଧାୟକ ଭୂପିନ୍ଦର ସିଂ ଯୋଗଦେଇ ସମସ୍ତ କର୍ମୀଙ୍କୁ ସଶକ୍ତି, ସମୃଦ୍ଧ ଓ ସ୍ୱାଭିମାନୀ ଓଡ଼ିଶା ଗଠନ ପାଇଁ ଶପଥ କରାଇଥିଲେ। ସେ ତାଙ୍କ ଉଦ୍‌ବୋଧନ ରେ ବିଜେଡି ସୁପ୍ରିମୋ ନବୀନ ବାବୁଙ୍କୁ ଷଷ୍ଠ ଥରପାଇଁ ଓଡ଼ିଶା ରେ ମୁଖ୍ୟମନ୍ତ୍ରୀ କରିବାକୁ ସଂକଳ୍ପ ନେବା ସହ ଆଜିଠାରୁ ଅଭିଯାନ ଆରମ୍ଭ ହେଲାବୋଲି କହିଥିଲେ। ଏଥିରେ କଳାହାଣ୍ଡି ଜିଲ୍ଲାପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, କର୍ଲାମୁଣ୍ଡା ବ୍ଲକ ଅଧକ୍ଷା କୁନି ସାହୁ, କର୍ଲାମୁଣ୍ଡା ବ୍ଲକ ସଭାପତି ସୁରେନ୍ଦ୍ର ସାହୁ, ନର୍ଲା ବ୍ଲକ ସଭାପତି ପରେଶ ପଧାନ, ଜିଲ୍ଲା ଉପସଭାପତି ସାରଦା ପ୍ରସନ୍ନ ସ୍ୱାଇଁଙ୍କ ସମେତ ଦଳୀୟ ଜିଲ୍ଲାପ୍ରରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ, ଯୁବ ଛାତ୍ର ସଭାପତି, ମହିଳା ଶାଖା ସଭାନେତ୍ରୀ, ମାନେ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ କର୍ଲାମୁଣ୍ଡା ଯୁବ ସଭାପତି ସଙ୍ଗୀତ ଭୋଇ, ନର୍ଲା ନିର୍ବାଚନ ମଣ୍ଡଳୀ ଛାତ୍ର ବିଜେଡି ସଭାପତି ଦେବେନ୍ଦ୍ର କୁମାର, କର୍ଲାମୁଣ୍ଡା ବ୍ଲକ ଛାତ୍ର ବିଜେଡି ସଭାପତି ସଲିମଶେଖର ରଣା, ଡିଜିଟାଲ ସଂଯୋଜକ ତ୍ରିଶଙ୍କ ରଣା, ନର୍ଲା, ମରାମପୁର, କର୍ଲାମୁଣ୍ଡା ଓ କେସିଙ୍ଗା ବ୍ଲକର ହଜାରହଜାର ପୁରୁଷ ଓ ମହିଳା କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭ ରୁ ମୋଟରସାଇକେଲ ରାଲି କର୍ଲାମୁଣ୍ଡା ଶିବମନ୍ଦିର ଛକରୁ ବାହାରି ବେଲଖଣ୍ଡିରେ ପହଞ୍ଚି ଥିଲେ।

**ଥୁଆମୂଳ ରାମପୁର:** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ବିଜେଡି ପକ୍ଷରୁ ବିଜୁ ଜନତା ଦଳର ୨୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ସ୍ତରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଥୁଆମୂଳ ରାମପୁର ବିଜେଡି ବ୍ଲକ ସଭାପତି କପିଳାସ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନ ମଣ୍ଡଳୀ ଅଧିନ ଥୁଆମୂଳ ରାମପୁର ସମେତ ଲାଞ୍ଜିଗଡ଼, ଜୟପାଟଣା ଏବଂ ଭବାନୀପାଟଣା ବ୍ଲକର ବହୁ ନେତା ଓ କର୍ମୀ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସାଂସଦ ସୁଜିତ କୁମାର, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଶିବାଜୀ ମାଝୀ, ବ୍ଲକ ଅଧକ୍ଷ ଦୟାନିଧି ମାଝୀ, ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ପୂର୍ବତନ ବ୍ଲକ ଉପାଧକ୍ଷ ଗୋବିନ୍ଦ ପ୍ରଧାନୀ, ବ୍ଲକ ଅଧକ୍ଷା ଜୟନ୍ତୀ ମାଝୀ, ଜିଲ୍ଲା ପରିଷଦ ସଭ୍ୟା ଟୁନି ଖୋଲ୍ଲା, ଜିଲ୍ଲା ପରିଷଦ ପ୍ରମିଳା ମାଝୀ, ବ୍ଲକ ମହିଳା ସଭାନେତ୍ରି କସ୍ତୁରୀ ପାଣିଗ୍ରାହୀ, ଯୋଶୋବନ୍ତି ନାଏକ, ଜୋନ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଧନସିଂ ମାଝୀ, ଲାଞ୍ଜିଗଡ଼ ବ୍ଲକ ବିଜେଡି ସଭାପତି ହିମାଦ୍ରି ପେସନିଆ, ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ କମଳା ପାତ୍ର, ଯୁବ ସଭାପତି ଦିଲେସ ନାଗ ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ବଦ୍ରୀ ପଟ୍ଟନାୟକ, ଜୟପାଟଣା ବ୍ଲକ ସଭାପତି ମିନକେତନ ପୁଝାରୀ, ଯୁବ ସଭାପତି ଅମ୍ବୁଜ ଧଙ୍ଗଡାମାଝୀ, ଭବାନୀପାଟଣା ଜଞ୍ଜନ୍ ସଭାପତି ବିଜୟ ମାଝୀ ଥୁଆମୂଳ ରାମପୁର ବ୍ଲକ ବିଜେଡି ଯୁବ ଛାତ୍ର ସଭାପତି ସୁଜନ ନାଏକ, ସମେତ ବ୍ଲକର ବହୁ ଜନ ପ୍ରତିନିଧି ମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।ଏହି ମିଶ୍ରଣ ପର୍ବରେ ଜୟପାଟଣା ବ୍ଲକ, ଥୁଆମୂଳ ରାମପୁର ବ୍ଲକ, ଭବାନୀପାଟଣା ବ୍ଲକର ବହୁ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ।



# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା



**ନୂଆପଡା,୨୬।୧୨(ସମିସ):** ସ୍ଥାନୀୟ ପୁଲିସ ପଡିଆରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାମୂଖ୍ୟ କୃଷି ଅଧିକାରୀ ହିମାଂଶୁ କୁମାର ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଜିଲ୍ଲାପାଳ ହେମକାନ୍ତ ସୟ ମୁଖ୍ୟ ଅତିଥି, ଆରକ୍ଷୀ ଅଧିକ୍ଷକ ଜି.ଆର.ରାଘବେନ୍ଦ୍ର, ଡିପିସି ମିଶନ ଶକ୍ତି ରାମଚନ୍ଦ୍ର ତାଣ୍ଡି ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଏହି କୃଷି ଯନ୍ତ୍ରପାତି ମେଳାରେ କୃଷି ଓ ଆନୁଷଙ୍ଗିକ ବିଭାଗ ଯଥା କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ, ଜଳ ବିଭାଜିକା, ଆଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେସନ, ଇଫକୋ, ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ, ମିଶନ ଶକ୍ତି, ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ଆଦି ଅଂଶ ଗ୍ରହଣ କରିଛନ୍ତି। ଏହି ମେଳା ଆସନ୍ତା ୩୦ତାରିଖ ଯାଏଁ ହେବାର ସୂଚନା ମିଳିଛି। ଏହି ଅବସରରେ ଜିଲ୍ଲାପାଳ ସୟ ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର ପ୍ରତି ଗୁରୁତ୍ୱ ଦେଲେ ଏକ କୃଷି ବିପ୍ଲବ ହେବ। ଜିଲ୍ଲା ଗଠନ ଦିନଠାରୁ ହିସାବକୁ ନେଲେ ଜିଲ୍ଲାର ପ୍ରଗତି ବହୁ ଗୁଣେ ହୋଇଛି। ନୂଆପଡା ଜିଲ୍ଲା ବର୍ତମାନ ପ୍ରଗତିର ପଥରେ ରହିଛିବୋଲି କହିଥିଲେ। ଏହି ଅବସରରେ ସଫଳ ଛତୁଚାଷ କରିଥିବା ମାଁ ସମଲେଶ୍ୱରୀ ସ୍ୱୟଂ ସହାୟକ ଦଳକୁ ପୁରସ୍କୃତ କରାଯାଇଥିବାବେଳେ ବୋଡେନର ଲକ୍ଷ୍ମୀବାଇ ଏସଏଚଜିକୁ ପନିପରିବା ଚାଷ, ରାଜ୍ୟ ସ୍ତରରେ ପୁରସ୍କୃତ ଚକୋଟିଆ ଭୁଞ୍ଜିଆ ଜନଜାତିର ସଫଳ ମାଣ୍ଡିଆ ଚାଷୀ କଳିରାମ ସୁଆରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୁନାବେଡାର ମାଁ ଧରଣୀ ଏସଏଚଜି ଏବଂ ମାଁ ପାର୍ବତି ଏସଏଚଜିକୁ କୃଷି ଯନ୍ତ୍ରପାତି ପ୍ରୋତ୍ସାହନ ପାଇଁ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ କୃଷି ଯନ୍ତ୍ରପାତି ସେବା କେନ୍ଦ୍ର ସ୍ଥାପନ କରିବାକୁ କାର୍ଯ୍ୟ ନିର୍ଦ୍ଦେଶ ପ୍ରଦାନ କରାଗଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲାମୂଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ସେଠଙ୍କ ନିର୍ଦ୍ଦେଶନାରେ ନ୍ୟାସନାଲ ହାଇସ୍କୁଲ ଏବଂ ଟାନୱାଟ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିବାବେଳେ କୃଷି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

# ସେଁପୁର ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ଭବାନୀପାଟଣା/ବୋର୍ଡା, ୨୬।୧୨ (ସମିସ):** ଭବାନୀପାଟଣା ବ୍ଲକ ଅନ୍ତର୍ଗତ ସେଁପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ଯୋଗଦେଇ ନବନିର୍ମିତ ବୌଦ୍ଧିକ ମଣ୍ଡପ ଉଦଘାଟନ କରି ଶିଶୁଭାଇଭଉଣୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଜେ.ପି.ସନ୍ଧ୍ୟା ମହାବିଦ୍ୟାଳୟର ଅଧ୍ୟାପକ ପରମେଶ୍ୱର ମୁଣ୍ଡ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁ ଭାଇଭଉଣୀ ଓ ଅଭିଭାବକ ମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ଭବାନୀପାଟଣା ସଦର ବ୍ଲକ ଏ.ବି.ଓ ଜୟ କୁମାର ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ନରେଶ ସାହୁ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ଟିକଦେବ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଉତ୍ସବ ସଭାପତି ମକରଧ୍ୱଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ପରିଚାଳନା ଜନାର୍ଦ୍ଦନ ବାଗ କରିଥିଲେ। ପରିଚାଳନା ସମିତିର କୋଷାଧ୍ୟକ୍ଷ ଶଶୀଭୂଷଣ ପ୍ରସାଦ ସାହୁ ତଥା ଅନ୍ୟ ସଦସ୍ୟ, ସଦସ୍ୟା ଓ ଗୁରୁଜୀ ଗୁରୁମା ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିନାୟକ ଏକାଡେମୀ ପକ୍ଷରୁ ବନବିହାର



**ନୂଆପଡା,୨୬।୧୨(ସମିସ):** ନୂଆପଡା ଜିଲ୍ଲା ଖଡ଼ିଆଳସ୍ଥିତ ବିନାୟକ ଏକାଡେମୀ କୋଚିଂ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ସମ୍ବଲପୁର ଜିଲ୍ଲା ହୀରାକୁଦ ଓ ଚିପିଲିମା ଠାରେ ବନ ବିହାର କାର୍ଯ୍ୟକ୍ରମ କରା ଯାଇଥିବାବେଳେ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ପୁରୁଣା ବର୍ଷକୁ ବିଦାୟ ଦେବା ଅବସରରେ ଶତାଧିକ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ , ପୁରାତନ ଛାତ୍ରଛାତ୍ରୀ ବନ୍ଧୁମିଳନ ଅବସରରେ ଭୋଜି ଭାତ କରି ଅଳିଆ ଆବର୍ଜନାକୁ ନ ଫିଙ୍ଗି ଛାଡି ଦେଉଛନ୍ତି। ଯାହାଫଳରେ ସେହି ଅଞ୍ଚଳରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି। ଖଡ଼ିଆଳ ବିନାୟକ ଏକାଡେମୀର ଛାତ୍ରଛାତ୍ରୀ ଭୋଜି ଅଞ୍ଚଳରେ ଆଳିଆ ଆବର୍ଜନାକୁ ନ ଫିଙ୍ଗି ସଫା ସୁତୁରା ରଖିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିବା ସହିତ ସଚେତନ କରିବା ସହିତ ଆଳିଆ ଆବର୍ଜନାକୁ ସଫାସୁତୁରା କରି ଆମରି ପରିବେଶ ଆମେ ସଫା ରଖିବା ବୋଲି ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୭୦ ଜଣ ଛାତ୍ରଛାତ୍ରୀ ଭାଗନେଇଥିଲେ। ବିନାୟକ ଏକାଡେମୀର ନିର୍ଦ୍ଦେଶକ ସୁମିତ ମହଲା , ଶିକ୍ଷକ ଶୈଳ୍ୟା ପାଣିଗ୍ରାହୀ, ଅଭିଜିତ ଶୁକ୍ଳା, ପ୍ରିୟଙ୍କା ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଛତିଶଗଡ଼କୁ ଧାନ ଚୋରାଚାଲାଣବେଳେ ଯୋଗାଣ ବିଭାଗର ଚଢ଼ଉ

# ଦୁଇ ଗାଡ଼ି ସହ ୨୧୪ କ୍ୱିଣ୍ଟାଲ ଧାନ ଜବତ

**ଧର୍ମଗଡ଼ /କୋକସରା, ୨୬।୧୨ (ସମିସ) :**



ସୋମବାର ରାତିରେ ଜିଲ୍ଲା ଯୋଗାଣ ଅଧିକାରୀ ମନୋଜ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଦୁଇଟି ଗାଡି ସହିତ ୨୧୪ କ୍ୱିଣ୍ଟାଲ ଧାନ ଜବତ କରି ଧର୍ମଗଡ ସହର ଏକ ରାଇସ ମିଲ୍ ଜିମା ଦେଇ ଛନ୍ତି। ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ରାତିରେ ଏକ ଟ୍ରକ ଗୋଲାମୁଣ୍ଡା ବ୍ଲକ ଉଦେଶୃଙ୍ଗ ଛକ ପାଖ ରେ ଧାନ ବୋଝେଇ କରି ନେଉଥିବା ବେଳେ ଯୋଗାଣ ବିଭାଗ ଏକ ସ୍କ୍ୱାଡ୍ ଗାଡି କୁ ଅଟକ ରଖି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଏହି ଧାନ ଛତିଶଗଡ ଅଞ୍ଚଳକୁ ଚୋରା ଚାଲାଣ ହେଉଥିବା ଜଣା ପଡ଼ିଥିଲା। ପରେ ଉକ୍ତ ଟ୍ରକ୍ କୁ ଜବତ କରି ତଦନ୍ତ କଲା ପରେ ସେଥିରେ ୧୮୮ କ୍ୱିଣ୍ଟାଲ ଧାନ ଥିବା ଜଣାପଡିଥିଲା। ଏହିପରି କୋକସରା ବ୍ଲକ ଖୁଣ୍ଟିଆ ଛକ୍ ଠାରୁ ଛତିଶ ଗଡ଼କୁ ଏକ ପିକଅପ୍ ଧାନ ବୋଝେଇ କରି ନେଉଥିବାବେଳେ ଯୋଗାଣ ବିଭାଗ ସ୍କ୍ୱାଡ୍ ନଜରକୁ ଆସିଥିଲା। ଏଥିରେ ୨୪.୯୫ କ୍ୱିଣ୍ଟାଲ ଧାନ ଥିବା ଜଣାପଡିଛି। ଦୁଇଟି ଗାଡିରେ ମୋଟ ୨୧୪ କ୍ୱିଣ୍ଟାଲ ଧାନ ଥିବା ଜଣା ପଡିଛି। କଳାହାଣ୍ଡି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଯୋଗାଣ ଅଧିକାରୀ ମନୋଜ କୁମାର ଦାସଙ୍କ ନେତୃତ୍ୱ ରେ ଧର୍ମଗଡ ଉପ ଖଣ୍ଡ ଯୋଗାଣ ଅଧିକାରୀ ଦୁର୍ଗା ପ୍ରସାଦ ମାଝୀ, ଧର୍ମଗଡ ଯୋଗାଣ ନିରୀକ୍ଷକ ପ୍ରଶାନ୍ତ ଦାସ, ଜୟ ପାଟଣା ଯୋଗାଣ ନିରୀକ୍ଷକ ପ୍ରିୟ ନାଏକ ଓ ଜଗାରାମ ମୁର୍ମୁ ଏହି ସ୍କ୍ୱାଡ୍‌ରେ ସାମିଲ ହୋଇ ଥିଲେ।

# କେସିଙ୍ଗା ସହରରେ ଟ୍ରାଫିକ ପରିଚାଳନାରେ ଅବ୍ୟବସ୍ଥା

**କେସିଙ୍ଗା, ୨୬।୧୨(ସମିସ) :** କଳାହାଣ୍ଡି ଜିଲ୍ଲା କେସିଙ୍ଗା କେସିଙ୍ଗା ସହର ଜିଲ୍ଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ସହିତ ଜିଲ୍ଲାର ପ୍ରମୁଖ ରେଳ ଷ୍ଟେସନ ପ୍ରତିଦିନ ଶହ ଶହ ସଂଖ୍ୟା ରେ ଜିଲ୍ଲା ବିଭିନ୍ନ ପ୍ରକାର କାମରେ ସହରକୁ ଆସିଥାନ୍ତି। ହେଲେ ବର୍ତ୍ତମାନ ସହରର ଟ୍ରାଫିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଯେବେ ଠାରୁ କେସିଙ୍ଗା-ଟିଟିଲାଗଡ ରାସ୍ତା ଖୋଲାଯାଇଛି ସେବେଠାରୁ କେସିଙ୍ଗା ଜଗନ୍ନାଥ ମନ୍ଦିର ଛକ ଠାରେ ନାହିଁନଥିବା ଟ୍ରାଫିକ ଭିଡ଼ ପରିଲକ୍ଷିତ ହେଉଛି। ଉକ୍ତ ଛକରେ କେସିଙ୍ଗା ପୁଲିସ ପକ୍ଷରୁ ଜଣେ ହୋମଗାର୍ଡଙ୍କୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଠିଆ କରାଯାଇଛି। ଲୋକେ ହୋମଗାର୍ଡ ଭାବି ଖାତିର କରୁନାହାନ୍ତି ଯାହାର ଯେଉଁଠି ମନହେଲା ଗାଡ଼ି ମଟର ଠିଆ କରି ଚାଲିଯାଉଛନ୍ତି। ଫଳରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଅତି ଶୀଘ୍ର ଟ୍ରାଫିକ ପ୍ରଶିକ୍ଷିତ ପୁଲିସ କର୍ମଚାରୀଙ୍କୁ ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱ ଦିଆ ଯାଉ ବୋଲି ସାଧାରଣରେ ଦାବି ହେଉଛି।

# ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**କେସିଙ୍ଗା, ୨୬।୧୨ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର କନଫରେନ୍ସ ହଲ ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିର ରେ ବାଲସି ଗ୍ରାମ ପଞ୍ଚାୟତ ରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ କିଛି କାମ ନ କରି ମିଥ୍ୟା ବିଲ ଭାଉଚରରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଛି। ଏହା ସହିତ ଗ୍ରାମ ପଞ୍ଚାୟତ ପକ୍ଷରୁ ବିଦ୍ୟୁତ୍ ବିଲ ପୈଠ କରି ନ ଥିବାରୁ ବହୁ ଦିନ ହେଲା ବାଲସି ଗ୍ରାମରେ ପାନୀୟଜଳ ଯୋଗାଣରେ ଘୋର ସମସ୍ୟା ଦେଖା ଦେଇଛି। ବିଭିନ୍ନ ଗ୍ରାମର ପ୍ରତ୍ୟେକ ଛକ ନିକଟରେ ଥିବା ଷ୍ଟ୍ରିଟ ଲାଇଟ ମାସ ମାସ ଜଳୁ ନ ଥିବା ମଧ୍ୟ ଗ୍ରାମବାସୀ ତଥା ବାଲସି ସମିତି ସଭ୍ୟା ଅଭିଯୋଗ କରିଥିବାର ଜଣା ପଡିଛି। ଏହି ଶିବିର ରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୁଆନ, ତହସିଲଦାର ପ୍ରଶାନ୍ତି ପ୍ରଧାନଙ୍କ ସମେତ ବହୁ ପଦାଧିକାରୀ ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣ କରିଥିଲେ।

# ଶ୍ରମିକ ନ ଥିବା ଯୋଗୁଁ ମଣ୍ଡିରୁ ଉଠି ପାରିନି ଧାନ



**ଚାଷୀଙ୍କଠାରୁ ଶ୍ରମିକ ଅର୍ଥ ଦାବି କରୁଥିବା ଅଭିଯୋଗ**

**କୋକସରା,୨୬।୧୨(ସମିସ) :** ଚାଷୀ ଚାଷ ଆରମ୍ଭରୁ ଅନେକ କଷ୍ଟ ସହି ଧାନ ଅମଳ କରୁଛି। ବିକ୍ରି କରିବା ବେଳକୁ ମଣ୍ଡିରେ ଆଦ୍ରତା ନାଁରେ ମିଲର୍ସ ଓ ପାକ୍ସ କର୍ମଚାରୀଙ୍କ ଶୋଷଣର ଶିକାର ହେଉଛନ୍ତି। ଏଭଳି ସ୍ଥିତିରେ ଧାନ ଉଠାଣବେଳେ ମଣ୍ଡିରେ ନିୟୋଜିତ ଶ୍ରମିକ ମାନଙ୍କଠାରୁ ମଧ ବର୍ତ୍ତି ପାରିନାହିଁ ଚାଷୀ। ଶ୍ରମିକମାନେ ଚାଷୀଙ୍କ ଠାରୁ ସିଧାସଳଖ ଅର୍ଥ ଦାବି କରୁଥିବା ଲଭି ଏକ ଅଭିଯୋଗ ଆସିଛି କୋକସରା ବ୍ଲକ କାଶୀବାହାଲ ପାକ୍ସ ଅଧିନରେ ଥିବା ଫୁପଗାଁ ଧାନ ମଣ୍ଡିରୁ। ଏହି ଧାନ ମଣ୍ଡି ଉପରେ ଫୁପଗାଁ ପଞ୍ଚାୟତର ୭ ଖଣ୍ଡ ଗ୍ରାମର ୧୬୪୦ ଜଣ ଚାଷୀ ଧାନ ବିକ୍ରୀ କରିବା ପାଇଁ ପଞ୍ଜିକରଣ କରିଛନ୍ତି। ସୋମବାର ଠାରୁ ଗୁରୁବାର ପର୍ଯ୍ୟନ୍ତ ୪ଦିନ ଧରି ମଣ୍ଡିରୁ ଧାନ ଉଠାଣ ହେବା ସୂଚନା ରହିଛି। ଏହି ଧାନ ମଣ୍ଡି ଆରମ୍ଭରୁ ସୁରୁଖୁରୁରେ ଧାନ କ୍ରୟ ହେଉଥିଲା। ତେବେ ଶ୍ରମିକ ମାନେ ସୋମବାର ଦିନ ଚାଷୀଙ୍କଠାରୁ କୁଇଣ୍ଟାଲ ପ୍ରତି ୨ଟଙ୍କା ଲେଖାଏଁ ନେବା ପାଇଁ ଦାବି କରିଥିଲେ। ହେଲେ ସରକାରଙ୍କ ଠାରୁ ଶ୍ରମିକମାନେ କୁଇଣ୍ଟାଲ ପ୍ରତି ବର୍ତ୍ତମାନ ୧୩.୧୪ ପଇସା ପାଉଥାନ୍ତି। ତେଣୁ ଚାଷୀମାନେ ଏହାକୁ ବିରୋଧ କରିବା ସହ କୁଇଣ୍ଟାଲ ପ୍ରତି ୨ଟଙ୍କା ଦେବାକୁ ଅରାଜି ହୋଇ ଚାଷୀମାନେ ସ୍ୱଇଚ୍ଛାରେ ଯାହା ଦେବୁ ନେବା ପାଇଁ ଶ୍ରମିକ ମାନଙ୍କୁ କହିଥିଲେ। ଏହାପରେ ସେମାନେ ଅମଙ୍ଗ ହୋଇ କୁଇଣ୍ଟାଲ ପ୍ରତି ୨ଟଙ୍କା ନ ଦେଲେ ମଣ୍ଡିରୁ ଧାନ ଲୋଡ୍ ନକରିବା ପାଇଁ ଚେତାବନୀ ଦେଇଥିବା ଚାଷୀ ପଦ୍ମମୁଖ ବେମାଲ, ଭାସ୍କର ବେମାଲ, ଲିଙ୍ଗରାଜ ନାଏକ, ଲକ୍ଷ୍ମଣ ଘି, ରୋହିତ କେତକୀ, କେଶବ ପଟେଲ, ଭୀମସେନ ଛତ୍ରିଆ, ସହଦେବ ଛତ୍ରିଆ, କୌତୁକ ବାଣୁଆ, ରୁପଧର ବେମାଲ, ଟିକଚନ ପୂଝରୀ, ବିଦ୍ୟାଭୂଷଣ ଶବର, ତିଳକରାମ ଦୁର୍ଗା, କାର୍ତ୍ତିକ କାଣ୍ଡ ପ୍ରମୁଖ ଚାଷୀ ଅଭିଯୋଗ ଆଣିଛନ୍ତି। ମଙ୍ଗଳବାର ମଣ୍ଡିରେ ଶ୍ରମିକ ନଥିବା ଯୋଗୁଁ ପ୍ରାୟ ୨୫ଶହ କୁଇଣ୍ଟାଲ ପାଖାପାଖି ଧାନ ପଡ଼ି ରହିଛି। ବର୍ତ୍ତମାନ ଜିଲ୍ଲାରେ ଅସହ୍ୟ ଶୀତ ଜାରି ରହିଥିବାବେଳେ ରାତିରେ ମଣ୍ଡିରେ ଚାଷୀମାନେ ଶୀତ କାକରରେ ପେସୀ ହୋଇ ଧାନକୁ ଜଗିବା କଷ୍ଟକର ହୋଇ ପଡିଛି। ଏଣେ କିଛି ଚାଷୀଙ୍କ ଟୋକନ୍ ଅବଧି ଦିନେ ଦୁଇ ଦିନ ରହିଥିବାବେଳେ ଧାନ ଉଠାଣ ନହେଲେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ଏଣେ ଚାଷୀମାନେ ପେକ୍ସ୍ ସମ୍ପାଦକଙ୍କୁ ଧାନ ଉଠାଣ କରିବା ପାଇଁ ଜିଦ୍ ଧରିଥିବାବେଳେ ଶ୍ରମିକ ମାନଙ୍କୁ ବୁଝାଇ ଧାନ ଉଠାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଚାଷୀମାନେ କହିଛନ୍ତି। ସରକାରଙ୍କ ଦ୍ୱାରା ଶ୍ରମିକ ମାନେ ଲୋଡ୍ ଅନଲୋଡ ପାଇଁ ପ୍ରାପ୍ୟ ପାଉଥିବାବେଳେ ଚାଷୀ ମାନଙ୍କ ଠାରୁ ଏଭଳି ମନଇଚ୍ଛା ଅର୍ଥ ଦାବି କରିବା କଥାକୁ ଅଞ୍ଚଳର ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ପାକ୍ସ୍ ସମ୍ପାଦକ ଯୁଗଳ କିଶୋର ନାଏକଙ୍କୁ ପଚାରିବାରୁ ଶ୍ରମିକମାନଙ୍କୁ ବୁଝାସୁଝା କରିବା ସହ କାଲିଠାରୁ ଧାନ ଉଠାଣ ସ୍ୱାଭାବିକ ହେବ ବୋଲି କହିଛନ୍ତି।

# ବୁଢ଼ାଡଙ୍ଗରର ଲୋକ ମହୋତ୍ସବ ଉଦ୍‌ଘାଟିତ

**କେସିଙ୍ଗା, ୨୬।୧୨ (ସମିସ):** ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ବୁଢ଼ାଡଙ୍ଗର ଲୋକ ମହୋତ୍ସବ ମଙ୍ଗଳବାର ଦିନ କେସିଙ୍ଗା ଜଗନ୍ନାଥ ମନ୍ଦିର ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଉପ ଜିଲ୍ଲାପାଳ ଓ କେସିଙ୍ଗା ବିଡ଼ିଓ ପଦ୍ମନାଭ ପୁରୋହିତ ପ୍ରଥମେ ଅନୁଷ୍ଠାନର ପତାକା ଉତ୍ତୋଳନ କରିଥିଲେ। ପରେ ଅନୁଷ୍ଠାନର କର୍ମକର୍ତ୍ତା କେସିଙ୍ଗାର ଇଷ୍ଟଦେବୀ ମା' ବୁଢ଼ା ଡଙ୍ଗରଙ୍କ ମନ୍ଦିରରୁ ବିରାଟ ମଶାଲ ଶୋଭାଯାତ୍ରା ରେ ମା ଅମ୍ବେ ମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରୁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣକୁ ଆସିଥିଲା। ଶୋଭା ଯାତ୍ରା ରେ ବଜାଶାଲ ଓ ବିଭିନ୍ନ ପ୍ରକାର ଲୋକନୃତ୍ୟ ରେ କେସିଙ୍ଗା ସହର କମ୍ପି ଉଠିଥିଲା। ପରେ ଦିନ ୧୨ ଟା ବେଳେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ମଞ୍ଚ ଉଦ୍‌ଘାଟନ ଭାବରେ ଯୋଗଦେଇ ବୁଢ଼ା ଡଙ୍ଗର ଲୋକ ମହୋତ୍ସବ ମଞ୍ଚ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟା ୬ଟାରେ ବୁଢ଼ା ଡଙ୍ଗର ଲୋକ ମହୋତ୍ସବକୁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓଡ଼ିଶା ଅନୁପମ ସାହା ଉଦ୍‌ଘାଟନ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ, ଅନୁଷ୍ଠାନର ସଭାପତି ସୁଶାନ୍ତ ମହାପାତ୍ର, ସମ୍ପାଦକ ଅକ୍ଷୟ ଦାସ ଓ କେସିଙ୍ଗା ନଗରପାଳ ନୃପରାଜ ଯାଦବ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଥମ ସନ୍ଧ୍ୟା ରେ ଆସାମର ବିହୁ, ଓଡ଼ିଶୀ, ପଶୁନୃତ୍ୟ, ସମ୍ବଲପୁରୀ, ବଜାଶାଲରେ ଉପସ୍ଥିତ ଅତିଥି ତଥା ବହୁ ସଂଖ୍ୟାରେ ଉପସ୍ଥିତ ଜନସାଧାରଣଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।



# ମହାମାୟା କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଖଡ଼ିଆଳ,୨୬।୧୨(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ମହାମାୟା ପବ୍ଲିକ କଲେଜର ଦୁଇଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନିଅର ଗ୍ରୁପରେ ୧୮ ଟି ଓ ସିନିୟର୍ ଗ୍ରୁପରେ ୧୦ଟି ଇଭେଣ୍ଟ ଖେଳା ଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜ୍ୟୋତିର୍ମୟୀ ସାହୁ, ଅନ୍ୟତମ ଅତିଥି ଭାବରେ ଚେୟାରମ୍ୟାନ ଇନ୍ ଚାର୍ଜ ଶିରିଶ କୁମାର ସାହୁ ଯୋଗ ଦେଇଥିଲେ। ସଭାପତିତ୍ୱ କରିଥିଲେ କଲେଜ ଅଧ୍ୟକ୍ଷା ସୁନିତା ତିୱାରୀ।

# ନାଳରୁ ମୃତଦେହ ଉଦ୍ଧାର

**ଗୋଲାମୁଣ୍ଡା, ୨୬।୧୨(ସମିସ):** ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଧମାନପୁର ଗ୍ରାମପଞ୍ଚାୟତ ଭକ୍ତାମୁଣ୍ଡା ସ୍କୁଲ ପାଖରେ ଥିବା ନାଳରୁ ଏକ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକ ଜଣକ ହେଲେ ଚିଚିଆ ଗ୍ରାମର ଅକୁର ନାଗ। ସେ ଗତ ସୋମବାର ଅପରାହ୍ନରେ ନିଜର ଶଶୁର ଘରକୁ କୋଣସି କାମରେ ଯାଉଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ମଙ୍ଗଳବାର ସକାଳେ ତାଙ୍କର ମୃତଦେହ ନାଳା ନିକଟରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଗୋଲାମୁଣ୍ଡା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଗୋଲାମୁଣ୍ଡା ଥାନା ଏ ଏସ୍ ଆଇ ରାମ ଚନ୍ଦ୍ର ଶବର ଘଟଣାସ୍ଥଳରେ ପହଞ୍ଚି ଶବଟିକୁ ଜବତ କରିଥିଲେ। ମୃତକର ପରିବାର ଓ ବନ୍ଧୁବର୍ଗ ଘଟଣାସ୍ଥଳରେ ପହଞ୍ଚି ମୃତକର ଭାଇ ଅପାଇ ନାଗ ଏ ଏସ୍ ଆଇ ରାମ ଚନ୍ଦ୍ର ଶବରଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ।

## ଆନ୍ତଃରାଜ୍ୟ ସିଙ୍ଗଝରର କ୍ରିକେଟ ସିଜିନ-୩ ଉଦ୍‌ଯାପିତ

# ବସ୍ତରକୁ ହରାଇ ଜୟପାଟଣା ଚାମ୍ପିଅନ

**ସିନାପାଲି, ୨୬।୧୨ ( ସମିସ) :**




ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ସିଙ୍ଗଝର ଗ୍ରାମର ବିଅଁରଭଟା ଖେଳ ପଡ଼ିଆରେ ଚାଲିଥିବା ସିଙ୍ଗଝର କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜିନ - ୩ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ ଆତସବାଜି ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଦିବସ ର ଫାଇନାଲ ମ୍ୟାଚ ବସ୍ତର ଏକାଦଶ ଓ ଜୟପାଟଣା ଏକାଦଶ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ବସ୍ତର ଏକାଦଶ ଟସ୍ ଜିଣି ବ୍ୟାଟିଂ ନିଷ୍ପତି ନେଇ ନିର୍ଦ୍ଧାରିତ ୨୦ ଓଭର ରେ ୬ ୱିକେଟ ହରାଇ ୧୮୫ ରନ ସଂଗ୍ରହ କରିଥିଲା। ଜବାବରେ ଜୟପାଟଣା ଏକାଦଶ ୧୯ ଓଭର ରେ ୬ ୱିକେଟ ବିନିମୟରେ ୧୮୭ ରନ ସଂଗ୍ରହ କରି ଚାମ୍ପିଅନ ହୋଇଥିଲା। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ନୂଆପଡ଼ା ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ, ଜିଲ୍ଲାପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ନୁଆମାଳପଡ଼ା ପଂଚାୟତର ସମାଜସେବୀ ଗଣେଶ ପୋଡ଼, ବ୍ଲକ ବିଜେଡି ସମ୍ପାଦକ ଦୈତାରି ମେହେର, ସିଙ୍ଗଝର ସରପଞ୍ଚ କହିଁଲ ସିଂ ବାଗ, ଦୀନନାଥ ମାଝି, ସିନାପାଲି ସମିତିସଭ୍ୟ ମନୀଷ ପଟେଲ, ସିଙ୍ଗଝର ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଶ୍ୱିନୀ ଯୋଷୀ, ଓଏଲ୍‌ଏମ ବିଜୟ ଭିତିରିଆ, ବରିଷ୍ଠ ଶିକ୍ଷକ ବିରାଲସେନ ନାଗ, କଳାହାଣ୍ଡି ଆଇଆରବି ଇନ୍ସପେକ୍ଟର ହାବେଲାଲ ମାଝି, ଆୟୋଜକ କମିଟି ସଭାପତି ଯୀଶୁରାମ ବୈଠାରୁ, ସମ୍ପାଦକ ପୁଷ୍ପକାନ୍ତ ନିଆଲ, ଜୟକର ବୈଠାରୁ ସମେତ ଅନେକ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଦଳ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଏହି ଖେଳ ଦେଖିବା ପାଇଁ ସିନାପାଲି ଅଞ୍ଚଳ ତଥା ଛତିଶଗଡ଼ ଓ କଳାହାଣ୍ଡି ଅଞ୍ଚଳ ରୁ ହଜାର ହଜାର ସଂଖ୍ୟାରେ ଦର୍ଶକ ମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରଥମ ପୁରସ୍କାର ରାଶି ୧ ଲକ୍ଷ ଟଙ୍କା ସହିତ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିବାବେଳେ ରନର୍ସଅପ ଦଳକୁ ୬୦ ହଜାର ସହିତ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବରେ ରାଜଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ମ୍ୟାନ ଅଫ ଦି ସିରିଜ ଭାବରେ ଶିବୁ ଙ୍କୁ ୭୭୭୭ ରାଶି ସହିତ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚର ଆମ୍ପାୟାର ଭାବରେ ବସନ୍ତ ଶବର ଓ ସୌରଭ ଯୋଷୀ ଦାୟିତ୍ୱ ତୁଲାଇଥିବା ବେଳେ ସ୍କୋରର ଭାବରେ ମକରଧ୍ୱଜ ବୈଠାରୁଓ ତୁଷାରକାନ୍ତ ନାଏକ, ଧାରାବିବରଣୀ ରେ ବରିଷ୍ଠ ଭାଷ୍ୟକାର ସୁଦୂର ଛତିଶଗଡ଼ ର ତେଜରାଜ ଠାକୁର, ଦୁଷ୍ମନ୍ତ ପାତ୍ର, ବିକାଶ ରଞ୍ଜନ କଶ୍ୟପ, ମୁକେଶ ଖମାରୀ, ଅବିର ଦୀପ ଧନଞ୍ଜୟ ମଲ୍ଲିକ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପ୍ରତିଯୋଗୀତା ଗତ ୧୦ ଡିସେମ୍ବରରୁ ଆରମ୍ଭ ହୋଇଥିବା ବେଳେ ସର୍ବମୋଟ ୧୬ଟି ବିଭିନ୍ନ ରାଜ୍ୟରୁ ଅଂଶ ଗ୍ରହଣ କରିଥିଲେ।

# ଲାଇଟ୍ ଗଲେ ଏଟିଏମ୍ ସେବା ଠପ୍ : ଗ୍ରାହକ ଅସନ୍ତୁଷ୍ଟ

**କୋକସରା, ୨୬।୧୨(ସମିସ) :** କୋକସରା ବ୍ଲକ ସଦର ମହକୁମାଠାରେ ଥିବା ଏକମାତ୍ର ଷ୍ଟେଟ ବ୍ୟାଙ୍କ ଏଟିଏମ୍ କିଛି ଦିନ ହେବ ଲାଇଟ୍ ଗଲେ ସେବା ଠପ୍ ହୋଇପଡିଛି। ଯାହାଫଳରେ ଟଙ୍କା ଉଠାଣ କରିବାରେ ଅନେକ ସମୟରେ ବ୍ୟବସାୟୀ, କୃଷକ, ଛାତ୍ରଛାତ୍ରୀ ତଥା ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋକସରା ବ୍ଲକ ସଦର ମହକୁମା ମୁଖ୍ୟାଳୟ ହୋଇଥିବାରୁ ଏଠାକୁ ପ୍ରତିଦିନ ଶହ ଶହ ଲୋକେ ବିଭିନ୍ନ କାର୍ଯ୍ୟ ନିମନ୍ତେ ଯା'ଆସ କରିଥାନ୍ତି। ତେବେ ଆବଶ୍ୟକତା ସମୟରେ ଦୁରଦୂରାନ୍ତରୁ ଆସୁଥିବା ଲୋକେ ଲାଇଟ୍ ନଥିଲେ ଘଣ୍ଟା ଘଣ୍ଟା ଅପେକ୍ଷା କରି ଟଙ୍କା ଉଠାଣ କରୁଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ କୃଷକ ମାନେ ମଣ୍ଡିରେ ଧାନ ବିକ୍ରି କରିଥିବାବେଳେ ଧାର କରଜ ସୁଝିବା ସହିତ ବିଭିନ୍ନ କାର୍ଯ୍ୟ ନିମନ୍ତେ ଟଙ୍କା ଉଠେଇବା ନିହାତି ଜରୁରୀ ରହିଛି। ଏଭଳି ସମୟରେ ବିଦ୍ୟୁତ୍ ସେବା ବ୍ୟାହତ ହେଲେ ଏଟିଏମ୍ ସେବା ସମ୍ପୂର୍ଣ୍ଣ ଠପ୍ ହୋଇ ପଡୁଥିବା ଯୋଗୁଁ ଅନେକ ଅସୁବିଧା ଭୋଗୁଥିବା ଏଟିଏମ୍ କୁ ଆସୁଥିବା ଲୋକେ ପ୍ରକାଶ କରିଛନ୍ତି। ତେଣୁ କୋକସରା ମୁଖ୍ୟାଳୟଠାରେ ନୂତନ ଭାବେ ଅଉ ଗୋଟିଏ ଏଟିଏମ୍ ଖୋଲିବା ପାଇଁ ଜନସାଧାରଣରେ ଦାବୀ ହେଉଛି। ଏ ନେଇ କୋକସରା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ମନୋଜ ଜେନାଙ୍କୁ ପଚାରିବାରୁ ଏ ବିଶୟରେ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦେଇଛୁ, ମେକାନିକ୍ ଆସି ଦେଖିଲାପରେ ସମାଧାନ ହେବ ବୋଲି କହିଛନ୍ତି।

C-2199
BHUBANESWAR MUNICIPAL CORPORATION
e-Procurement Notice
e-Mail: eebmcdiv3@gmail.com
No. 6514/ Dt. 22.12.2023
XI-PW.Div-III-04/23

On behalf of the Commissioner, Bhubaneswar Municipal Corporation, Executive Engineer-III, BMC invites Percentage Rate Bids for the work mentionedbelowthroughe-Procurement in conformity with the terms and conditions of the Detailed Tender Call Notice (DTCN) from intending bidders fulfilling the eligibility criteria mentioned in the DTCN. Each bid should be submitted on-line through the website www.tendersodisha.gov.in by eligible bidders.

1. No. of works: 9 (Nine) Nos
2. Estimated cost- Rs. 7,39,962/- & Rs. 35,53,396/-
3. Class of contractor- "D" to "B" Class
4. Period of completion:30(Thirty) to 90 (Ninety) Calendar Days.
5. Date and Time of Availability of Bid document in the portal: From 11.00 AM of 27.12.2023 to 05.00 PM of 08.01.2024
6. Last date/Time of submission of bids in the portal: 05.00 PM of 08.01.2024
7. Date of opening of Bid from Portal: 11.30 AM of 09.01.2024

Tender details can be seen for the e-Procurement portal https://www.tendersodisha.gov.in & BMC Website https:// www.bmc.gov.in

Executive Engineer
BMC Division - III
OIPR-13002/11/0239/2324

i-547
e-mail– ori-Bonaigarh@nic.in
GOVERNMENT OF ODISHA,
PANCHAYAT SAMITI OFFICE, BONAIGARH, DIST- SUNDARGARH
TENDER CALL NOTICE NO. OF 2023-24
Letter No. – 4087 Date: 22.12.2023

The Block Development Officer, Bonaigarh, Sundargarh on behalf of Governor of Odisha invites in "OFFLINE MODE Percentage Rate bids" in sealed cover for the following work from the class of eligible contractors as mentioned in Column-7 (seven) registered with the State Governments having validity of Civil License and contractors of equivalent Grades/Class Registered with Central Government/ MES/ Railways and other state government having validity of Civil License for execution of Building Works (including EI & PH). The proof of registration from the appropriate authority shall be enclosed along with the Bid. The eligible contractors of the state P.W.D. (R&B)/ Water Resources/Rural Works/M.I./C.P.W.D. for the following work eventually to be drawn up in the P.W.D. P1 forms in conformity with the Detailed Tender Call Notice. The bidders may submit bids for the following work.

| Sl. No | Name of the Work | Amount put to Tender in Rs.(Excluding GST) | Cost of Tender paper (Non-refundable) in Rs. | Bid security (1%) | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Repair and Upgradation of Jadupati Higher secondary School, Sihidiha | Rs 25,21,405/- | Rs 6,000.00 | Rs 25,214.00 | 3 (Three) Months | 'C'&'D' Class only |

The Bid documents and detailed terms and conditions can be downloaded from the District website www.sundergarh.nic.in.

1. Date and time for download Tender Paper: From Dt. 26.12.2023 to 05.01.2024.
2. Last Date of Receipt of Tender Paper: Dt. 08.01.2024 (5.00 P.M.)
3. Date of Opening of Tender Paper: Dt. 09.01.2024 (11.00 A.M.)

OIPR-19333/11/0005/2324

# ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳିତ






**ବୌଦ୍ଧ, ୨୬।୧୨ (ସମିସ)**

ସ୍ଥାନୀୟ ଟାଉନହଲଠାରେ ଆଜି ବୌଦ୍ଧ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ୨୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ପରିବେଶ, ଜଳବାୟୁ ପରିବର୍ତ୍ତନ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥ ଓ ସ୍ୱର୍ଗତ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଜିଲ୍ଲା ବିଜେଡି ଉପସଭାପତି ପ୍ରଦୀପ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ପ୍ରବାସିନୀ ଦାସ, ବରିଷ୍ଠ ବିଜେଡି ନେତା ଅଶୋକ ସାହୁ, ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଉପସ୍ଥିତ ରହି ବିଜେଡି କର୍ମୀଙ୍କୁ ଉଦବୋଧନ ଦେଇ ବିଜୁବାବୁଙ୍କ ନୀତି ଆଦର୍ଶରେ ସମସ୍ତେ ଚାଲିବା ସହ ବୌଦ୍ଧ ନିର୍ବାଚନ ମଣ୍ଡଳୀକୁ ବିକାଶ କ୍ଷେତ୍ରରେ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ଏହାପରେ ବିଜୁ ଜନତା ଦଳର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ ବିଜେଡିରେ ଯୋଗଦେଇଥିବା ପ୍ରଦୀପ ନାୟକ, ପଙ୍କଜ ସାହୁ, ସୁଧୀର ବାରିକ, ରାମ ବଗର୍ତ୍ତୀ, ଦାମ ବଗର୍ତ୍ତୀ, ତ୍ରିପୁର ମହାକୁଡ, ସୁଶୀଳ ସେଠୀଙ୍କ ସମେତ ବହୁ କର୍ମୀଙ୍କୁ ବିଜୁ ଜନତା ଦଳର ଦଳୀୟ ଚିହ୍ନ ଥିବା ଉତ୍ତରୀୟ ପରିଧାନ କରାଯାଇଥିଲା। ଏହି ଅବସରରେ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରା ବ୍ରିଜଛକରୁ ବାହାରି ସହର ପରିକ୍ରମା କରି ସଭାସ୍ଥଳ ଟାଉନହଲଠାରେ ପହଞ୍ଚିଥିଲେ। ଆଜିର ଏହି ପ୍ରତିଷ୍ଠା ଦିବସରେ ବୌଦ୍ଧ ନିର୍ବାଚନ ମଣ୍ଡଳୀରୁ ମହିଳା, ଛାତ୍ର ଓ କର୍ମୀମାନେ ହଜାର ହଜାର ସଂଖ୍ୟାରେ ଯୋଗଦେଇଥିଲେ।

**କନ୍ଧମାଳ:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ନିର୍ବାଚନ ମଣ୍ଡଳୀର କଣ୍ଟାମାଳ ହାଇସ୍କୁଲ ପଡିଆରେ ମଙ୍ଗଳବାର ବିଜେଡି ଦଳ ୨୭ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ କଣ୍ଟାମାଳ ସତସଙ୍ଗ ବିହାରସ୍ଥିତ ବିଜୁ ପଟ୍ଟନାୟକଙ୍କ ପୂର୍ଣ୍ଣବୟାବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପରେ ଏକ ବିଶାଳ ଶୋଭାଯାତ୍ରାରେ ଆସି ହାଇସ୍କୁଲ ପଡିଆରେ ଆୟୋଜିତ ପ୍ରତିଷ୍ଠା ସମାବେଶ ଠାରେ ପହଞ୍ଚିଥିଲେ। ବିଜେଡି ଜିଲ୍ଲା ସଭାପତି ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିଧାୟକ ମହୀଧର ରଣାଙ୍କ ନେତୃତ୍ୱରେ ଆୟୋଜିତ ସମାବେଶକୁ ଜିଲ୍ଲା ସଂଗଠକ ପ୍ରଶାନ୍ତ ରଣା ସଂଯୋଜନା କରିଥିଲେ। ବିଧାୟକ ମହୀଧର ରଣାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ବୌଦ୍ଧ ଜିଲ୍ଲା ପର୍ଯ୍ୟବେକ୍ଷକ ସୌଭାଗ୍ୟ ରଞ୍ଜନ ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ଜିଲ୍ଲାପରିଷଦ ସଭ୍ୟା ସୁମିତ୍ରା ସାହୁ, ରାଜ୍ୟ ବିଜେଡି ସମ୍ପାଦକ ସୁଧୀର ମହାକୁଡ଼, ବ୍ଲକ ବିଜେଡି ସଭାପତି ପ୍ରେମରାଜ ରଣା, ବରିଷ୍ଠ ବିଜେଡି ନେତା ରମଣୀ ରଞ୍ଜନ ପ୍ରଧାନ, ଘନଶ୍ୟାମ ବୁଡ଼େକ, ପବିତ୍ର ରଣା, ରାଧାବଲ୍ଲଭ ପ୍ରଧାନ, ସୁରେଶ ଚନ୍ଦ୍ର ରଣା, କାମପାଳ ବସ୍ତିଆ, ଦେବୀପ୍ରସାଦ ନାୟକ, ଜାନି ସେନାପତି, ପଞ୍ଚାନନ ସାହୁ, ସନ୍ତୋଷ ଦନ୍ତା, ଶତ୍ରୁଘ୍ନ



ଶତପଥୀଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ବିଜୁ ଯୁବ, ବିଜୁ ଛାତ୍ର, ବିଜୁ ମହିଳା ମୋର୍ଚ୍ଚା ବିଜେଡି ନେତା କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ । ସାଧାରଣ ସଭାରେ ବିଜେଡି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ତଥା ଜନକଲ୍ୟାଣକାରୀ ଯୋଜନା ଓ ସଫଳତା ଗାନ କରିଥିଲେ । ଓଡିଶା ରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ରାଜ୍ୟରେ ଏକ ସ୍ୱଚ୍ଛ, ନିର୍ମଳ ଓ ପ୍ରଗତିଶୀଳ ଶାସନ ଯୋଗୁଁ କ୍ରମାଗତ ଭାବେ ଲୋକଙ୍କ ପ୍ରିୟଭାଜନ ହୋଇପାରିଛି । ତାଜ୍ୟର ପ୍ରଗତି ଓ ଉନ୍ନତିକୁ ତ୍ୱରାନ୍ୱିତ କରିବାକୁ ବିଜେଡି ସରକାର ଦୃଢ଼ ସଂକଳ୍ପବଦ୍ଧ। ତେଣୁ ବାଧକ ନ ସାଜି ସହଯୋଗ କଲେ ଅଂଚଳର ବିକାଶ ସମ୍ଭବ ବୋଲି ବିଧାୟକ ଶ୍ରୀ ରଣା କହିଥିଲେ।

## ବିଶାଳ ଗଣଦୌଡ଼

**ତରଭା:** ରାଜନୈତିକ ଦଳର ପରିସୀମାରୁ ଉର୍ଦ୍ଧ୍ୱକୁ ଉଠି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଥିବା ବିଜୁ ଜନତା ଦଳ ମଙ୍ଗଳବାର ପାଳନ କରିଛି ତା'ର ୨୭ ତମ ପ୍ରତିଷ୍ଠା ଦିବସ। ଏହି ଅବସରରେ ତରଭା ବ୍ଲକ ବିଜେଡି ତରଫରୁ ଏକ ବିଶାଳ ଗଣଦୌଡ଼ର ଆୟୋଜନ କରାଯାଇଥିଲା। ୫୭ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ବ୍ଲକ ଅନ୍ତର୍ଗତ ଶିବତୁଲା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ବିଜେଡି ତରଭା ନଗର ସଭାପତି ତଥା ଏନଏସି ଉପାଧ୍ୟକ୍ଷ ଗଗନ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଆୟୋଜିତ ଗଣଦୌଡ଼କୁ ପୂର୍ବାହ୍ନ ୯.୩୦ରେ ବିଜେଡି ସୋନପୁର ଜିଲ୍ଲା ସଭାପତି ତଥା ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର କମ୍ପ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ୪୦୦ରୁ ଅଧିକ ଯୁବକ ସାମିଲ ହୋଇଥିବା ଏହି ଗଣଦୌଡ଼ ଅଢେଇ କିମି ଦୂର ତରଭା ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ସମାପ୍ତ ହୋଇଥିଲା। ଏଥିରେ ମହେନ୍ଦ୍ର ଥାପ୍ପା ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ବିଜୟ ନାଏକ ଦ୍?ତୀୟ ଓ ଆକାଶ ମଲ୍ଲିକ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଗଣଦୌଡ଼ ପରେ ହାଇସ୍କୁଲ ଖେଳ ପଡ଼ିଆରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ନିଷ୍ଠାପର ଭାବେ ଓଡିଶାବାସୀଙ୍କ ସେବା ଜାରି ରଖିବା ସହ ଏକ ବିକଶିତ ଓଡିଶା ଗଠନ ନିମନ୍ତେ ଅଙ୍ଗୀକାରବଦ୍ଧ ହେବା ନିମନ୍ତେ କର୍ମୀ ଓ କର୍ମକର୍ତ୍ତା ମାନେ ଶପଥ ଗ୍ରହଣ କରିଥିଲେ।

ତରଭା ନଗର ସଭାପତି ଗଗନ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ସରୋଜ କୁମାର କମ୍ପ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମୀ ଓ କର୍ମକର୍ତ୍ତାଙ୍କୁ ଉଦବୋଧନ ଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ସୁବାଷ ଚନ୍ଦ୍ର ସେଠୀ, ନଗର ଯୁବ ସଭାପତି ଜନାର୍ଦ୍ଦନ ଥନାପତି, ବ୍ଲକ ସଭାପତି ହେମନ୍ତ ସାହୁ, ବ୍ଲକ ଯୁବ ସଭାପତି ଗଦିଦାର କୁଅଁର, ହେମନ୍ତ ମାଝୀ, ଏନଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି ମଧୁସୂଦନ ପାଣ୍ଡେ, ବରିଷ୍ଠ ବିଜେଡି କର୍ମକର୍ତ୍ତା ଅଶ୍ୱିନୀ ବିଶି, ଅକ୍ଷୟ ସାହୁ, ମନମୋହନ ସାହୁ, ସୂର୍ଯ୍ୟନାରାୟଣ ସାହୁ, ଦୁର୍ଗାପ୍ରସାଦ ଷଡଙ୍ଗୀଙ୍କ ସମେତ ବହୁ ବିଜେଡି କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ସୋନପୁର, ୨୬।୧୨(ସମିସ):** ସ୍ଥାନୀୟ ନୂତନ ଟାଉନ ହଲ୍‌ଠାରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ସମାରୋହରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦଳକୁ ସୁଦୃଢ଼ କରିବା ପାଇଁ ଦଳୀୟ ନେତା




ଏବଂ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଯୋଗୁଁ ବିଜେଡି ସରକାର ଲୋକଙ୍କ ପ୍ରିୟ ଭାଜନ ହୋଇ ପାରିଛି ବୋଲି ସେ କହିଥିଲେ। ତେବେ ରାଜ୍ୟ ସରକାରଙ୍କ ସଫଳତାର କଥା ଗାଁ ଗହଳିରେ ଲୋକଙ୍କୁ ବୁଝାଇବା ପାଇଁ ସେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ ଏକ ସାଧାରଣ ସଭାରେ ବିଜେଡି ଜିଲ୍ଲା ସଭାପତି ସରୋଜ କମ୍ପ, ପୌରାଧ୍ୟକ୍ଷା ତାମସି ତାମସ୍ମିତା ନାୟକ, ଉପାଧ୍ୟକ୍ଷା ମଲ୍ଲିକା ଦାନୀ, ପୂର୍ବତନ ପୌରାଧ୍ୟକ୍ଷ କଏରୁ ସ୍ୱାଇଁ, ପ୍ରକାଶ ସାହୁ, ଅଭିମନ୍ୟୁ କୁଶଳ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ଟାଉନ ସଭାପତି ଜନ୍ମେଞ୍ଜୟ ପାତ୍ର, ଛାତ୍ର ସଭାପତି ଶାଶ୍ୱତ ମିଶ, କୃଷକ ସେଲ୍ ସଭାପତି କରମଚାନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ବିଜୁ ଜନତା ଦଳର ସମସ୍ତ କର୍ମୀଙ୍କୁ ଶପଥପାଠ କରାଯାଇ ଥିଲା।

ପ୍ରତିଷ୍ଠା ଦିବସ ପାଳନ ଅବସରରେ ସକାଳୁ ଏକ ମାରାଥନ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରୟାଲ ପଡିଆଠାରୁ ଏହି ମାରାଥନ ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଛକରେ ସରିଥିଲା। ପୌରାଧ୍ୟକ୍ଷା ତାମସି ତାମସ୍ମିତା ନାୟକ ଏବଂ ଉପାଧ୍ୟକ୍ଷା ମଲ୍ଲିକା ଦାନୀ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ଶାଶ୍ୱତ ମିଶ୍ର, ପୀୟୁଷ ପଣ୍ଡା, ସୋମନାଥ ସାହୁ, ଆନନ୍ଦ ପାତ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ମାରାଥନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଏକ ଭବ୍ୟ ସମାବେଶରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତାମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଦଳକୁ ଅଧିକ ସୁଦୃଢ଼ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ

**ବୀରମହାରାଜପୁର/ଉଲୁଣ୍ଡା:** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଉଲୁଣ୍ଡା ସ୍ଥିତ କଲେଜ ଖେଳ ପଡିଆରେ ମଙ୍ଗଳବାର ଦିନ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଏକ ବିଶାଳ ଶୋଭଯାତ୍ରାରେ ଉଲୁଣ୍ଡା ହାଟ ପଦାରୁ ବାହାରି ସ୍ଥାନୀୟ ଖେଳ ପଡିଆକୁ ଆସିଥିଲା। ପ୍ରଥମେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କ ସମେତ ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଝସକେତନ ବାଘାର, ଉଲୁଣ୍ଡା ଜୋନ -୧ ଜିଲ୍ଲା ପରିଷଦ ସଦସ୍ୟା ବିଜୟ ଲକ୍ଷ୍ମୀ ତରାଇ, ବୀରମହାରାଜପୁର ଜୋନ -୨ ଜିଲ୍ଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ବିନିକା ଏନ୍‌ଏସି ଅଧ୍ୟକ୍ଷ ସୁବାସ ଭୋଇ, ବୀରମହାରାଜପୁର ବ୍ଲକ ବିଜେଡି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଉତ୍ତର କୁମାର ପାତ୍ର, ଜିଲ୍ଲା ବିଜେଡି ସଭାନେତ୍ରୀ ପଦ୍ମିନୀ ବଘାର, ବିନିକା ଏନ୍‌ଏସି ବିଜେଡି ସଭାପତି ସୋମନାଥ ମିଶ୍ର, ବିନିକା ଜୋନ -୨ ଜିଲ୍ଲାପରିଷଦ ବଶିଷ୍ଠ ଭରସାଗର, ବିନିକା ମହିଳା ବିଜେଡି ସଭାନେତ୍ରୀ ଲକ୍ଷ୍ମୀ ମେହେର ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ସତ୍ୟଞ୍ଜିବ ମିଶ୍ର ସଭା ସଂଯୋଜନା କରିଥିବା ବେଳେ ଜିଲ୍ଲା ବିଜେଡି ଉପସଭାପତି କିଶୋର ହୋତା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବୀରମହାରାଜପୁର, ଉଲୁଣ୍ଡା ଓ ବିନିକା ବ୍ଲକର ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଓ ବିଜୁ ଜନତା ଦଳର କର୍ମକର୍ତ୍ତା ସାମିଲ ହୋଇଥିଲେ।



# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ବିନିକା,୨୬ ।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ବିନିକା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡାଙ୍କ ମିଳିତରେ ଅନୁଷ୍ଟିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଞ୍ଚଳର ବହୁ ଜନସାଧାରଣ ଯୋଗଦାନ କରି ତାଙ୍କର ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୩୯ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ବ୍ୟକ୍ତିଗତ ଦରଖାସ୍ତ ୩୨ ଗୋଟି ଥିବା ବେଳେ ସାମୁହିକ ଦରଖାସ୍ତ ୭ଟି ରହିଥିଲା ।ସମସ୍ତ ଅଭିଯୋଗ ଦରଖାସ୍ତ ଗୁଡ଼ିକୁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଦିଆଯାଇ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି। ଏହି ଶିବିର ବିନିକା ବିଡିଓ ପ୍ରମୋଦ ମେହେରଙ୍କ ତତ୍ତ୍ୱାବଧାନରେ ହୋଇଥିଲା ।ଏଥିରେ ମୁଖ୍ୟ ଉନ୍ନୟନ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର,ଉପଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୈତ୍ୟ ନାରାୟଣ ପାଢ଼ୀ, ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଅଧିକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ,ଉପ ଶ୍ରମ ନିର୍ଦ୍ଦେଶକ ଡିଲେଶ୍ୱର ଖାକା,ନିର୍ବାହୀ ଯନ୍ତ୍ରୀ ଟି ପି ଡବ୍ଲୁ ଓ ଡି ଏଲ ଅଶୋକ ମିଶ୍ର,ନିର୍ବାହୀ ଯନ୍ତ୍ରୀ ପିଏଚଡି ଇଂ ଏ କେ ମୂର୍ତ୍ତି, ବିନିକା ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ ସମେତ ଅନ୍ୟାନ୍ୟ ଜିଲ୍ଲା ଓ ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

**ବୌଦ୍ଧ:** ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ଉପଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର, ତହସିଲଦାର ସୁନୀତା ସାହୁ, ବିଡ଼ିଓ ଅକ୍ଷୟ ପାଣି ଉ‡ ଉପସ୍ଥିତ ଥିବା ବେଳେ ସମୁଦାୟ ୯୯ ଗୋଟି ଅଭିଯୋଗ ଆସିଥିଲା। ଏଥି ମଧ୍ୟରୁ ୯୨ଟି ବ୍ୟକ୍ତିଗତ, ସାମୁହିକ ୭ ଟି ଅଭିଯୋଗ ପଞ୍ଜିକରଣ କରାଯାଇଥିବା ବେଳେ ୬୯ ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଅଭିଯୋଗ ଗୁଡିକ ମଧ୍ୟରେ ମୁଖ୍ୟତଃ ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନା, ରାସନକାର୍ଡ, ଶିକ୍ଷକ ଅଭାବ, ସ୍ୱାସ୍ଥ୍ୟଗତ ସମସ୍ୟା, ଘରଭଙ୍ଗା ସହାୟତା ଆଦି ରହିଛି। ଶିବିରରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ ଜଣଙ୍କୁ ଓ ରେଡକ୍ରସ ପାଣ୍ଠିରୁ ୨ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ 'ନୂଆ-ଓ' କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ଶଗଡା, ୨୬।୧୨ (ସମିସ) :** କଣ୍ଟାମାଳ ବ୍ଲକ ସଦର ହାଇସ୍କୁଲ ଖେଳପଡିଆ ଠାରେ ପଞ୍ଚାୟତ ସମିତି କଣ୍ଟାମାଳ ଦ୍ୱାରା ଆୟୋଜିତ ବ୍ଲକସ୍ତରୀୟ "ନୂଆ-ଓ' କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଉଦଘାଟିତ ହୋଇଛି। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ନୂଆ-ଓଡ଼ିଶା, ଯୁବ ଓଡ଼ିଶା, ନବୀନ ଓଡ଼ିଶାର ସମନ୍ୱିତ ଯୁବ ବିକାଶ ପକ୍ଷରୁ କ୍ରୀଡା ପ୍ରତିଯୋଗିତା କୁ କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମହୀଧର ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି। କଣ୍ଟାମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ସସ୍ମିତା ସେନାପତି, କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କଣ୍ଟାମାଳ ବିଡ଼ିଓ ସାମି ଜୟଶ୍ରୀ ରେ‡ୀ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ଡବ୍ଲୁଇଓ ସଭା ପରିଚାଳନା କରିଥିଲେ । ଏହି ଅବସରରେ ପଞ୍ଚାୟତ ସମିତିର କ୍ରୀଡା ଜର୍ସିକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ପରେ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ କବାଡି, ଖୋଖୋ, ଭଲିବଲ, ଫୁଟବଲ ,କ୍ରିକେଟ ଆଦି ଅନେକ ଖେଳ ଅନୁଷ୍ଠିତ ହୋଇ ପ୍ରତି ଖେଳର ଚାମ୍ପିଅନ ଓ ଭଲ ଖେଳାଳି ଜିଲ୍ଲାସ୍ତର କ୍ରୀଡ଼ାକୁ ମନୋନୀତ କରାଯିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦେଇଥିଲେ।



## ଦୁର୍ଲ୍ଲଭ ୩୨ ବେଶ ଦର୍ଶନକଲେ କନ୍ଧମାଳ ସାଂସଦ



**ବୌଦ୍ଧ, ୨୬।୧୨ (ସମିସ):** କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ ବୌଦ୍ଧ ଗସ୍ତରେ ଆସି ବୌଦ୍ଧ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହେଉଥିବା ମହାପ୍ରଭୁଙ୍କ ଲୀଳା ମହୋତ୍ସବ ଓ ଦୁର୍ଲଭ ୩୨ ବେଶ ଦର୍ଶନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ ପରିବେଶ, ଜଳବାୟୁ ପରିବର୍ତ୍ତନ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଓ ଉପଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର ପ୍ରମୁଖ ଉପସ୍ଥିତ ରହିଥିଲେ। ସାଂସଦ ଡ. ସାମନ୍ତ ତାଙ୍କ ବକ୍ତବ୍ୟରେ ଏଭଳି ଏକ କାର୍ଯ୍ୟକ୍ରମ ବୌଦ୍ଧ ଜିଲ୍ଲାରେ ପ୍ରଥମ ଥର କରାଯାଉଥିବାରୁ ଆୟୋଜକଙ୍କୁ ଧନ୍ୟବାଦ ଦେଇଥିଲେ। ଆମେ ସମସ୍ତେ ଜଗନ୍ନାଥ ଧର୍ମୀ ଓ ଜଗନ୍ନାଥ ବିଶ୍ୱାସୀ। ପୁରୀରେ ହେଉଥିବା ମହାପ୍ରଭୁଙ୍କ ବେଶ ଏଠାରେ ପ୍ରଦର୍ଶିତ ହୋଇଥିବାରୁ ବୌଦ୍ଧ ଜିଲ୍ଲା ସମେତ ଆଖପାଖ ଅଞ୍ଚଳରୁ ମଧ ଏଠାକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଥିବାରୁ ସମସ୍ତ ଭକ୍ତଙ୍କୁ ସେ ପ୍ରଶଂସା କରିଥିଲେ। ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୨୬ ତାରିଖରେ ସମାପ୍ତ ହେବାକୁ ଥିବାବେଳେ ଶ୍ରଦ୍ଧାଳୁଙ୍କ ଅନୁରୋଧ କ୍ରମେ ଆଉ ୨ଦିନ ବୃଦ୍ଧି କରାଯାଇ ୨୮ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି।

# ବିକଶିତ ଭାରତ ସଂକଳ୍ପ ଯାତ୍ରା

**ମନମୁଣ୍ଡା, ୨୬।୧୨ (ସମିସ):** କଣ୍ଟାମାଳ ବ୍ଲକରେ ଆଜି ଠାରୁ ବିକଶିତ ଭାରତ ସଂକଳ୍ପ ଯାତ୍ରା ଆରମ୍ଭ ହୋଇଛି। ମନମୁଣ୍ଡା ଓ ଗୁଡ଼ଭେଲିପଦର ପଂଚାୟତ କାର୍ଯ୍ୟାଳୟ ଠାରେ ଆଜି ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଛି। ମନମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ଜାତୀୟ ସଙ୍ଗୀତ ଗାନ ସହ ପ୍ରାରମ୍ଭିକ ସଙ୍ଗୀତ ଗାନ କରିବା ପରେ ମନମୁଣ୍ଡା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୟଦେବ ପ୍ରଧାନ କାର୍ଯ୍ୟକ୍ରମ ସଂପାଦନ କରିଥିଲେ। ମନମୁଣ୍ଡା ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ସୁଶ୍ରୀ ରଞ୍ଜୁ ବେହେରା, ସିଆରସିସି ପ୍ରଜିନା ପାଢ଼ୀ, ଅଙ୍ଗନବାଡ଼ି ସୁପରଭାଇଜର ପଲ୍ଲବୀ ମେହେର, ବିପିଏମ ରାକେଶ ମହାପାତ୍ର, ଗ୍ରାମସେବକ ବିବେକାନନ୍ଦ ସାହୁ ,ଶିକ୍ଷକ ଶରତ ସାହୁ, ଅଂଗନବାଡି କର୍ମୀ. ଆଶା ଦିଦି ଓ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ଅନେକ ସାଧାରଣ ଜନତା ଉପସ୍ଥିତ ଥିଲେ।

## ଧାନକିଣାର ଶୁଭାରମ୍ଭ

**ଶଗଡା,୨୬।୧୨(ସମିସ) :** ବୌଦ୍ଧ ଜିଲ୍ଲା ବିଳାସପୁର ସମବାୟ ସମିତିର ଧାନମଣ୍ଡିରେ ପୂଜାର୍ଚ୍ଚନା ସହ ଚଳିତ ବର୍ଷର ଖରିଫ ଧାନ କ୍ରୟର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସଂଗ୍ରାମୀ କୋସଲ୍ ସଂଗ୍ରାମୀ, ଚାଷୀନେତା ସୁବେଦାର ଲଳିତ ସାହୁ ଓ ସମିତିର ସଭାପତି ପ୍ରବାସ କ୍ଷେତି ପୂଜାର୍ଚ୍ଚନା ସହ ଧାନ କିଣିବାର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ୪ ଜଣ ଚାଷୀ ଙ୍କର ପ୍ରାୟତଃ ୧୫୪ କ୍ୱିଣ୍ଟାଲ ଧାନ କିଣା ଯାଇଥିଲା। କାର୍ଯ୍ୟକ୍ରମରେ ସମିତି ସମ୍ପାଦକ ପ୍ରଦୋସ ଦନ୍ତା, ଡାଇରେକ୍ଟର ଜୟନ୍ତ ମହାକୁଡ଼, ନିରଂଜନ ଖମାରୀ, ଅରବିନ୍ଦ ମହାକୁଡ଼, କରୁଣାକର ନାଗ, କର୍ମୁ ସାଗର, ଉପସଭାପତି ପ୍ରେମଶିଳା ସାହୁ, ତଥା ଚାଷୀ ଶିବ ଖଣ୍ଡଗିରି, ଆଦିତ୍ୟ ଖଣ୍ଡଗିରି, କବିତା ମହାକୁଡ଼,ଭିଷ୍ମରଥି ସାହୁ, ମାଗୁଣି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ପୁରୀରୁ ପହଞ୍ଚିବ ନିମନ୍ତ୍ରଣ

**ସୋନପୁର, ୨୬।୧୨(ସମିସ):** ଆସନ୍ତା ୧୭ ତାରିଖରେ ବହୁ ପ୍ରତିକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେବ। ଏହି ଭବ୍ୟ କାର୍ଯ୍ୟକ୍ରମର ନିମନ୍ତ୍ରଣ ପତ୍ର ନେଇ ପୁରୀରୁ ଏକ ପ୍ରତିନିଧି ଦଳ ସୋନପୁର ଆସୁଛନ୍ତି। ସୋନପୁରର ବଡ ଜଗନ୍ନାଥ, ପାତାଳୀ ଶ୍ରୀକ୍ଷେତ୍ରର ଇଷ୍ଟଦେବଙ୍କ ସହ ବିଭିନ୍ନ ଦେବଦେବୀଙ୍କୁ ନିମନ୍ତ୍ରଣ କରିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲା ପ୍ରଶାସନ ସହ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଏହି ପ୍ରତିନିଧି ଦଳକୁ ସ୍ୱାଗତ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ଶ୍ରୀକ୍ଷେତ୍ର ସହ ସୁବର୍ଣ୍ଣପୁରର ସମ୍ପର୍କ ବହୁ ପୁରୁଣା ହୋଇଥିବାରୁ ଏହି କାର୍ଯ୍ୟକ୍ରମରେ ଜନସାଧାରଣ ସାମିଲ ହୋଇ ଦିବ୍ୟ ଅନୁଭୂତି ଲାଭ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି।

## ପୂର୍ବତନ ମନ୍ତ୍ରୀ ହଟହଟା

**ଜୁନାଗଡ଼, ୨୬।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ପିଲିକିଆ ପଞ୍ଚାୟତରେ ବିଜେପିର ବିକଶିତ ଭାରତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର୍ ଲୋକଙ୍କ ପ୍ରଶ୍ନବାଣରେ ହଟହଟା ହେଉଥିବା ଭିଡିଓ ସୋସିଆଲ ମିଡ଼ିଆରେ ଘୁରି ବୁଲୁଛି। ହିମାଂଶୁ ଶେଖର ମେହେର ମନ୍ତ୍ରୀ ଥିବା ବେଳେ ଏହି ପଞ୍ଚାୟତ ର କ'ଣ ସବୁ ଉନ୍ନତି କରିଛନ୍ତି ଏବଂ ତାଙ୍କ ଭାଇ ମଧ ଜୁନାଗଡ଼ ବ୍ଲକର ଅଧ୍ୟକ୍ଷ ଥିବା ସମୟ ରେ କ'ଣ ସବୁ ଉନ୍ନତି କରିଛନ୍ତି ତାହାର ହିସାବ ମାଗିଥିଲେ ଜନତା। ଯାହାର ଉତ୍ତର ଦେଇପାରି ନ ଥିଲେ ହିମାଂଶୁ ଶେଖର।

## ଶିକ୍ଷକଙ୍କ ମାତୃ ବିୟୋଗ

**ବିନିକା, ୨୬।୧୨(ସମିସ):** ବିନିକା ବ୍ଲକ ଅନ୍ତର୍ଗତ ସିନ୍ଦୂର ପୁର ଗ୍ରାମର ଯୁବ କବି, ସମାଜସେବୀ ତଥା ବିନିକା ସେଣ୍ଟ ଭ୍ୟାଲି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଦେବଦତ୍ତ ପଣ୍ଡାଙ୍କ ମାତା ପ୍ରମୋଦିନୀ ପଣ୍ଡା(୫୫) ଙ୍କ ଆଜି ଭୋର ସକାଳେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପ୍ରମୋଦିନୀ ଅତ୍ୟନ୍ତ ସରଳ, ନିଷ୍କପଟ ତଥା ଜଣେ ଧର୍ମପରାୟଣ ମହିଳା ଭାବରେ ବେଶ ଜଣାଶୁଣା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ପୃଥ୍ୱୀରାଜ, ଦୁଇ ପୁଅ ଦେବଦତ୍ତ, ତ୍ରିଲୋଚନ, ପୁତ୍ର ବଧୂ ରିମା, ରିଙ୍କି, ନାତିନାତୁଣୀ ଉପସ୍ଥିତ ଥିଲେ। ପରଲୋକ ଖବର ଶୁଣିବା ପରେ ପାଖ, ପଡ଼ିଶାର ବନ୍ଧୁ ବର୍ଗ ଆସି ଶେଷ ଦର୍ଶନ କରିଥିଲେ।ପରେ ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିକଟସ୍ଥ ମହାନଦୀ କୂଳକୁ ନିଆଯାଇ ସେଠାରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ଦେବଦତ୍ତ ମୁଖାଗ୍ନି ଦେଇଥିଲେ।

## ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

**ହରଭଙ୍ଗା, ୨୬।୧୨ (ସମିସ ) :** ରାଜ୍ୟ ସ୍ତରୀୟ ସର୍ଗିଫୁଲ ୨୦୨୩ ମହୋତ୍ସବ ରେ ହରଭଙ୍ଗା ବ୍ଲକର ତିନି ଜଣ ଛାତ୍ରୀ ସମ୍ବର୍ଦ୍ଧିତ ହୋଇଥିବା ଜଣାପଡ଼ିଛି। ଗତ ଡ଼ିସେମ୍ବର ୨୩ ତାରିଖ ରେ ଭୁବନେଶ୍ୱର ଲୋକସେବା ଭବନସ୍ଥିତ କନଭେନ ସନ୍ ସେଣ୍ଟର୍ ଠାରେ ରାଜ୍ୟସ୍ତରୀୟ ସର୍ଗିଫୁଲ ୨୦୨୩ ଛାତ୍ର ଛାତ୍ରୀ ମହୋତ୍ସବ ପାଳତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ଚାରିଛକ୍ ସ୍ଥିତ ଝାଡ୍ରାଜିଙ୍ଗ ଆଶ୍ରମ ସ୍କୁଲ୍ ର ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ତ୍ରିପାଠୀଙ୍କ ନେତୃତ୍ୱ ରେ ହରଭଙ୍ଗା ବ୍ଲକ ର ଝାଡ୍ରଜୀଙ୍ଗ, ସିନ୍ଧୁଗୋରା ଓ ବଡ଼ବନ୍ଧ ଆଶ୍ରମ ସ୍କୁଲ୍ ଛାତ୍ରୀ ମାନେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ରେ ବକ୍ତୃତା ପ୍ରତିଯୋଗିତା ରେ ଝାଡ଼ରାଜିଙ୍ଗ ଆଶ୍ରମ ସ୍କୁଲ୍ ର ଅଷ୍ଟମ ଶ୍ରେଣୀ ର ଛାତ୍ରୀ ତୃପ୍ତିମୟୀ ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସରକାରୀ ଉଚ୍ଚ ବିଦ୍ୟାଳୟ ବଡ଼ବନ୍ଧ ର ଦଶମ ଶ୍ରେଣୀ ଛାତ୍ରୀ ପ୍ରିୟତମା ବେହେରା ଓ ଶିନ୍ଧୁଗୋରା ଆଶ୍ରମ ସ୍କୁଲ୍ ର ପଞ୍ଚମ ଶ୍ରେଣୀ ଛାତ୍ରୀ ଶ୍ରୀୟରାଣି ଦୀପ ସିନିୟର୍ ଓ ଜୁନିୟର ଏକକ ଗୀତ ପ୍ରତିଯୋଗୀତା ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

# ସତୀକନ୍ୟାଙ୍କ ପୀଠରେ ଚୁଡ଼ାଖାଇ ଯାତ୍ରା

**ବୌଦ୍ଧ, ୨୬।୧୨ (ସମିସ)**

ବୌଦ୍ଧ ସହର ମହାନଦୀ ମଧରେ ଥିବା ମର୍ଜାକୁଦ ଦ୍ୱୀପର ଦେବୀ ସତୀକନ୍ୟାଙ୍କ ପୀଠରେ ହର୍ଷୋଲ୍ଲାସ ମଧରେ ପାଳିତ ହୋଇ ଯାଇଛି ଅନନ୍ୟ ପର୍ବ ଚୁଡାଖାଇ ଯାତ୍ରା। ଅପରାହ୍ନରେ ପୀଠର ଦେହୁରୀଙ୍କ ଘରୁ ଛତି ଛତ୍ର ଓ ପାଟଖଣ୍ଡା ଧରି ପାରମ୍ପରିକ ଢ଼ୋଲବାଦ୍ୟ ସହ ଗ୍ରାମର ପୁରୁଷ ଲୋକମାନେ ପ୍ରଥମେ ସତୀକନ୍ୟାଙ୍କ ପୀଠକୁ ଯାଇଥିଲେ। ସେଠାରେ ମୁକ୍ତାକାଶ ତଳେ ପୂଜା ପାଉଥିବା ସତୀ କନ୍ୟାଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପରେ ମହିଳା ମାନେ ମଧ ଶୋଭାଯାତ୍ରାରେ ପୀଠରେ ଯାଇ ମିଳିତ ହୋଇଥିଲେ। ସେଠାରୁ ସମସ୍ତେ ମିଳିତ ଭାବରେ ମହାନଦୀ କୂଳରେ ଥିବା ମା ପିତାବଳୀଙ୍କ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା। ଉକ୍ତ ଯାତ୍ରାରେ ହଜାର ହଜାର ମହିଳା ପୁରୁଷ ଯୋଗଦେଇ ଥିଲେ। ପରମ୍ପରା ଅନୁଯାୟୀ ଉକ୍ତ ଯାତ୍ରାକୁ ଶୀବ ପାର୍ବତୀଙ୍କ ବିବାହ ଯାତ୍ରା ବୋଲି ବିଶ୍ୱାସ କରାଯାଏ। ଆଠ ଦିନ ପରେ ଆଠ ମଙ୍ଗଳା ଯାତ୍ରା ଦେବୀ ପିତାବଳୀଙ୍କ ପୀଠରେ ଅନୁଷ୍ଠିତ ହେବା ପରେ ଏ ଯାତ୍ରା ସମାପନ ହେବ। ତେବେ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ମହାନଦୀ ମଧରେ ଥିବା ଏହି ଦ୍ୱୀପକୁ ସଂଯୋଗ କରୁଥିବା ସେତୁ ପୂର୍ବରୁ ପୋଲିସ ପକ୍ଷରୁ ସମସ୍ତ ଯାନବାହାନ ଅଟକାଇ ଜନସାଧାରଣଙ୍କୁ ଚାଲିଚାଲି ସେଠାକୁ ଯିବାକୁ ଅନୁମତି ଦିଆଯାଉଥିଲା।



## ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାର ଶୁଭାରମ୍ଭ

**ବୌଦ୍ଧ, ୨୬।୧୨ (ସମିସ):** ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଅଙ୍ଗନବାଡି କେନ୍ଦ୍ର ବଘିଆପଡ଼ା ଠାରେ ଆଜି ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ ଯୋଗ ଦେଇଥିବା ବେଳେ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଉପଜିଲ୍ଲାପାଳ ରବୀନ୍ଦ୍ର ନାଥ କହଁର, ଜିଲ୍ଲା




ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ବୌଦ୍ଧ ବ୍ଲକ ସିଡିପିଓ ମିନତୀ ଦେଓ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଗର୍ଭବତୀ ଏବଂ ପ୍ରସୂତୀ ମାଆ ମାନଙ୍କୁ ଏମଏସ୍‌ପିୱାଇ ଯୋଜନାରେ ମୁଢି ୭୫୦ ଗ୍ରାମ, ଭଜାଚଣା ଦେଢକେଜି, ଖଜରା ୫୦୦ ଗ୍ରାମ, ରାଶିଲଡ୍ଡୁ ୫୦୦ ଗ୍ରାମ ଏବଂ କିଶୋରୀ ବାଳିକାମାନଙ୍କୁ ମୁଢି ୧କେଜି, ଭଜାଚଣା ଦେଢ କେଜି ଏବଂ ମାସିକ ୧୬ଟି ଅଣ୍ଡା ପ୍ରଦାନ କରିଥିଲେ। ବୌଦ୍ଧ ବ୍ଲକର କଳାକାରମାନଙ୍କ ଦ୍ୱାରା ଦାଣକାଠିଆ ମାଧ୍ୟମରେ ମମତା, ଏମଏସ୍‌ପିୱାଇ, ପୋଷଣ, ଆଇୱାଇସିଏଫ, ଅଦ୍ୱିକା ଏବଂ ବାଲ୍ୟବିବାହ ନିଷେଧ ବିଷୟରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ଯୋଜନା ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଗର୍ଭବତୀ, ପ୍ରସୂତୀ ମହିଳା ଏବଂ କିଶୋରୀ ମାନେ ଉପସ୍ଥିତ ଥିଲେ।

## ଜମୁଛି ଦଣ୍ଡପାଟ ଧନୁଯାତ୍ରା : କାରାଗାରରେ ଜନ୍ମନେଲେ କୃଷ୍ଣ

**ବେହେରା, ୨୬।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମରେ ଚାଲିଥିବା ଧନୁଯାତ୍ରା ରେ ଦର୍ଶକ ଙ୍କ ଭିଡ଼ ବଢ଼ିବାରେ ଲାଗିଛି। ଦ୍ୱିତୀୟ ଦିନରେ କାରାଗରରେ ଶ୍ରୀକୃଷ୍ଣ ଜନ୍ମ ହୋଇଛନ୍ତି। ଦୈବୀବାଣୀ ପରେ ଦେବକୀଙ୍କ ଗର୍ଭର ସମସ୍ତ ସନ୍ତାନକୁ କଂସ ହତ୍ୟା କରୁଥିବାରୁ, ଅଷ୍ଟମ ଗର୍ଭର ସନ୍ତାନକୁ ବଞ୍ଚାଇବାକୁ ବସୁଦେବ ନବଜାତ ଶ୍ରୀକୃଷ୍ଣଙ୍କୁ ଧରି ଗୋପପୁର ଯାଇଛନ୍ତି। ମୁକ୍ତାକାଶ ରଙ୍ଗମଞ୍ଚରେ ଏହି ଦୃଶ୍ୟ ଅଭିନୀତ ହୋଇଛି। ସେପଟେ କୃଷ୍ଣଙ୍କ ଜନ୍ମକୁ ନେଇ ଗୋପୁରର ନନ୍ଦ ରାଜାଙ୍କ ଘରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ସେପଟେ ମହାରାଜ କଂସ ମନ୍ତ୍ରୀ, ପାରିଷଦ ବର୍ଗଙ୍କ ସହ ନଗର ଭ୍ରମଣ କରୁଛନ୍ତି। ରାଜା ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ସିଂହାସନ ଆରୋହଣ କରିବା ପରେ ନଗର ବୁଲି ପ୍ରଜାଙ୍କ ହାନି ଲାଭ ବୁଝୁଛନ୍ତି ମହାରାଜ କଂସ। ଅନ୍ୟପଟେ ନିଜ ମୃତ୍ୟୁକୁ ନେଇ ଦୈବୀବାଣୀ ହେବା ପରେ ମହାରଜା ବିଚଳିତ ହୋଇପଡ଼ିଛନ୍ତି। ତେଣୁ ନଗର ଭ୍ରମଣରୁ ଫେରିବା ପରେ ମନକୁ ହାଲୁକା କରିବା ପାଇଁ ସନ୍ଧ୍ୟା ନଇଁଲେ ଜମୁଛି ମହାରାଜଙ୍କ ଦରବାରରେ ନାଚ ଗୀତର ଆସର। ମୁକ୍ତାକାଶ ରଙ୍ଗମଞ୍ଚରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବିଭିନ୍ନ ସଂଗଠନ ପକ୍ଷରୁ ନୃତ୍ୟଗୀତ ପରିବେଷଣ କରାଯାଉଛି। ଦ୍ୱିତୀତ ଦିବସରେ କଂସଙ୍କ ଦରବାର ରେ ହାଜର ହୋଇଥିଲେ ପୂର୍ବତନ ମନ୍ତ୍ରୀ ତଥା କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ। ଦଣ୍ଡପାଟ ମଥୁରା ନଗରୀରେ ପ୍ରଜାଙ୍କ ଜମିରେ ଇନ୍ଦ୍ରାବତୀ ମେଗାଲିଫ୍ଟ ଜରିଆରେ ପାଣି ଯୋଗାଇବା ଭଳି ମହାନ କାର୍ଯ୍ୟ କରିଥିବାରୁ ତାଙ୍କୁ କଂସ ମହାରାଜ ଧନ୍ୟବାଦ ଦେବା ସହ ଛଞ୍ଚାଣ ବାହାଲି ଓ ଧଅଁର ପୁର ପଞ୍ଚାୟତର ବାକି ରହିଥିବା ଜମିରେ ଶୀଘ୍ର ପାଣି ପହଞ୍ଚାଇବାକୁ ଆଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଅଲେଖ ଗୋପାଳ, ସମ୍ମାନିତ ଅତିଥି ଭାବେ ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ, ଜୟନ୍ତପୁର ସମିତିସଭ୍ୟ ଥବିର ନାଗ ଯୋଗ ଦେଇଥିଲେ। କ୍ଷୀରସିନ୍ଧୁ ବାଣୁଆ ଅତିଥି ପରିଚୟ ଦେଇ ଥିଲେ।ଧନୁଯାତ୍ରା କମିଟି ସଭାପତି ବାଳକୃଷ୍ଣ ବିଶି, ଭବାନୀ ବାରିକ, ଅଜୟ ତିୱାରୀ, ଈଶ୍ୱର ବାଣୁଆ, ହୁକିମ ବିଶି, ଗୁଣ ନାଗ, ଭିକାରୀ ଗୋପାଳ, ରଜତ ବଂସଲ ପ୍ରମୁଖ ସହଯୋଗ କରିଥିଲେ।

## ଟଭାପଦରରୁ ପୁଣି ବିଦ୍ୟୁତ ଟ୍ରାନ୍ସଫର୍ମର ଚୋର

**ଚାରିଛକ, ୨୬।୧୨(ସମିସ):** ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଟଭାପଦର ଗ୍ରାମରୁ ସୋମବାର ବିଳମ୍ବିତ ରାତିରେ ୧୦କେଭି ର ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଚୋରି ହୋଇଥିବା ବିଭାଗ ପକ୍ଷରୁ ପୁରୁଣାକଟକ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୁରୁଣାକଟକ ପୁଲିସ ମଙ୍ଗଳବାର ଅପରାହ୍ନ ସମୟରେ ଘଟଣାସ୍ଥଳରେ ପହଁଚି ଘଟଣାର ସରଜମିନ ତଦନ୍ତ କରିଛି! ସୂଚନା ଥାଉ କି କମଦିନ ତଳେ ବ୍ଲକର ବିଭିନ୍ନ ସ୍ଥାନରୁ ୦୯ଟି ବିଦ୍ୟୁତ ଟ୍ରାନ୍ସଫର୍ମର ଚୋରି ହୋଇଥିଲା। ପୁରୁଣାକଟକ ପୁଲିସ ଏହାର ଛାନଭିନ୍ କରି ଗତ ୧୬ତାରିଖ ଦିନ ଟ୍ରାନ୍ସଫର୍ମର ଚୋରି ଘଟଣାର ପର୍ଦ୍ଦାଫାସ କରିବା ସହିତ ଲୁଟିଆ ଦଳରେ ଥିବା ତିନି ଜଣ ବିଦ୍ୟୁତ କର୍ମଚାରୀ ସମେତ ୪ ଜଣଙ୍କୁ ଗିରଫ କରିଥିଲା!ଏହା ସହିତ ଗୋଟିଏ ଟ୍ରାନ୍ସଫର୍ମର ସହିତ ଗୋଟିଏ ବୋଲେରୋ, ବାଇକ ଜବତ କରିବାକୁ ସକ୍ଷମ ହୋଇଥିଲା। ଏହା ପରେ ବି ଅଞ୍ଚଳରୁ ପୁର୍ନବାର ଟ୍ରାନ୍ସଫର୍ମର ଚୋରି ପୁଲିସ ବିଭାଗର ନିଦ ହଜେଇଛି।

## ମେସିନ ଅଚଳ ଯୋଗୁଁ ପ୍ରକଳ୍ପରୁ ମିଳୁନି ଜଳ

**କନ୍ଧମାଳ, ୨୬।୧୨(ସମିସ) :** କନ୍ଧମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଘୁଲୁଘୁଲାପଦର ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ଆଜକୁ ୭ ଦିନ ହେବ ଜଳ ଯୋଗାଣ ନ ହୋଇ ଠପ ହୋଇ ରହିଛି। ଫଳରେ ପାନୀୟ ଜଳ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ୨ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଗ୍ରାମରେ ଖରାବର୍ଷା ସବୁଦିନ ପିଇବା ଓ ଖାଇବା ଜଳ ର ସମସ୍ୟା ରହି ଆସୁଥିବାରୁ ସରକାର ଉକ୍ତ ଗ୍ରାମରେ ୫୦ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇ ଜଳ କଷ୍ଟ ଦୂର କରାଯାଇଥିବା ବେଳେ ପ୍ରକଳ୍ପ ପରିଚାଳନା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବ ଯୋଗୁଁ ପ୍ରକଳ୍ପ କୌଣସି କାରଣରୁ ଅଚଳ ହେଲେ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳୁନଥିବା ବେଳେ ଖବର କାଗଜରେ ଏହାର ଅଚଳ ବିଷୟରେ ଖବର ପ୍ରକାଶ ହେଲାପରେ ଯାଇ ଏହାର ମରାମତି କରାଯାଉଛି। ଏବିଷୟ ବିଭାଗୀୟ ଯନ୍ତ୍ରୀଙ୍କୁ ଫୋନ କଲେ ମଧ ଫୋନ ରିସିଭ କରୁନଥିବାବେଳେ ଦିନଦିନ ଧରି ଏଭଳି ସମସ୍ୟା ଲାଗି ରହି ଆସୁଥିଲେ ମଧ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆ ନ ଯିବା ଦୁର୍ଭାଗ୍ୟର ବିଷୟ। ବିଭାଗ ତୁରନ୍ତ ଏହା ପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ତରଫରୁ ଦାବି ହେଉଛି।

## ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ

**ତୁଷୁରା, ୨୬।୧୨ (ସମିସ):** ସାତଦିନ ଧରି ଯଜ୍ଞବେଦୀରେ ମହାପ୍ରଭୁ ଜଗନ୍ନାଥ ପୂଜା ପାଇବାପରେ ମଙ୍ଗଳବାର ହଜାର ହଜାର ଭକ୍ତଙ୍କ ସହ ଜୟ ଜଗନ୍ନାଥ ହରିବୋଲ ହୁଳହୁଳି ଧ୍ୱନିରେ ନୂତନ କରି ତିଆରି ହୋଇଥିବା ଜଗନ୍ନାଥ ମନ୍ଦିରକୁ ବିଜେ କରିଛନ୍ତି। ମନ୍ଦିର ପ୍ରତିଷ୍ଠା ପାଇଁ ଚାଲିଥିବା ଯଜ୍ଞ, ନାମ କୀର୍ତ୍ତନ, ପାରାୟଣ, ଜଗନ୍ନାଥ ଦରବାର ପୂର୍ଣ୍ଣାହୁତି ପଡି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ସମାପ୍ତି ହୋଇଛି।



## ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କୁ ମାଟିଲଗ୍ନା ଶୁଭାନୁଧ୍ୟାୟୀ ସମ୍ମାନ

**ସୁବଳୟା, ୨୬।୧୨ (ସମିସ):** ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଅନ୍ତର୍ଗତ ଦେଉଳମୁଣ୍ଡାର ଯୁବକବି ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କୁ ଶ୍ରୀକ୍ଷେତ୍ର ପୁରୀରେ ସମ୍ବର୍ଦ୍ଧିତ କରିଛି ରାଜ୍ୟର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମାଟିଲଗ୍ନା ସାହିତ୍ୟ ସଂସଦ। ପ୍ରାପ୍ତ ବିବରଣୀରୁ ପ୍ରକାଶ ଯେ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମାଟିଲଗ୍ନା ସାହିତ୍ୟ ସଂସଦ ମଙ୍ଗଳବାର ପୁରୀ ଜିଲ୍ଲା ସଂସ୍କୃତି ଭବନ ପରିସରରେ ରାଜ୍ୟସ୍ତରୀୟ ଶୀତକାଳୀନ ସାରସ୍ୱତ ସମାରୋହ ମହା ଆଡମ୍ବର ସହିତ ଆୟୋଜନ କରିଥିଲା। ଏହି ଅବସରରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳର ଯୁବକବି ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ମାଟିଲଗ୍ନା ଶୁଭାନୁଧ୍ୟାୟୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।



## ବ୍ଲକସ୍ତରୀୟ 'ନୂଆ -ଓ' କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**କନ୍ଧମାଳ, ୨୬।୧୨(ସମିସ):** କନ୍ଧମାଳ ବ୍ଲକ ସଦର ହାଇସ୍କୁଲ ଖେଳପଡ଼ିଆ ଠାରେ ପଞ୍ଚାୟତ ସମିତି କନ୍ଧମାଳ ଦ୍ୱାରା ଆୟୋଜିତ ବ୍ଲକସ୍ତରୀୟ 'ନୂଆ -ଓ' କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ରାଜ୍ୟ ସରକାରଙ୍କ ନୂଆ ଓଡ଼ିଶା, ଯୁବ ଓଡ଼ିଶା, ନବୀନ ଓଡ଼ିଶାର ସମନ୍ୱିତ ଯୁବ ବିକାଶ ପକ୍ଷରୁ କ୍ରୀଡା ପ୍ରତିଯୋଗିତା କୁ କନ୍ଧମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ମହୀଧର ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି। କନ୍ଧମାଳ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ସେନାପତି, କନ୍ଧମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କନ୍ଧମାଳ ବିଡ଼ିଓ ସାମି ଜୟଶ୍ରୀ ରେ‡ୀ ସଭାକୁ ଅଧକ୍ଷତା କରିଥିବାବେଳେ ଡବ୍ଲୁଇଓ ଜ୍ୟୋତି ରଞ୍ଜନ ବେହେରା ସଭା ପରିଚାଳନା କରିଥିଲେ। ଏହି ଅବସରରେ ପଞ୍ଚାୟତ ସମିତିର କ୍ରୀଡା ଜର୍ସିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିନରେ କବାଡି ଓ କ୍ରିକେଟ ଖେଳ ହୋଇଥିଲା।

## ଅଖିଳ ଭାରତୀୟ ହଲବାହଲବି ସମାଜର ଶକ୍ତି ଦିବସ

**କୋକସରା, ୨୬।୧୨ (ସମିସ) :** କୋକସରା ବ୍ଲକ ଗୋତମୁଣ୍ଡାଠାରେ ମଙ୍ଗଳବାର ଅଖିଳ ଭାରତୀୟ ହଲବା ହଲବି ସମାଜର ଶକ୍ତି ଦିବସ ମହାସମାରୋହରେ ପାଳିତ ହୋଇଛି। ଏହି କ୍ରମରେ ପ୍ରଥମେ ସମାଜର ଇଷ୍ଟଦେବୀ ଦନ୍ତେଶ୍ୱରୀଙ୍କ ପ୍ରତିଛବି ସହ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଗଣାବଜା ବଜେଇ ନଗର ପରିକ୍ରମା କରିଥିଲେ। ସମାଜର ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରି ଶକ୍ତି ଦିବସ ପାଳିତ ହୋଇଥିଲା। ହଲବା ହଲବି ସମାଜର ସଭାପତି ସହଦେବ ନେଗୀଙ୍କ ସଭାପତିତ୍ୱରେ ଆୟୋଜିତ ଶକ୍ତି ଦିବସରେ କଳାହାଣ୍ଡି ଆଦିବାସୀ ସଂଘର ସଭାପତି ପ୍ରକାଶ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ବିଶିଷ୍ଟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧୀ ବାଗ, ଜିଲ୍ଲା ବିଜେଡ଼ି ସଭାପତି ପୁଷ୍ପେନ୍ଦ୍ର ସିଂ ଦେଓ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଆଦିବାସୀ ସମାଜର ସାଧାରଣ ସମ୍ପାଦକ ରୁତୁରାଜ ମାଝି, ଉପସଭାପତି ଦୃଦାନନ୍ଦ ମାଝୀ, ଗଣ୍ଡ ସମାଜର ସଭାପତି କ୍ଷୀରସିନ୍ଧୁ ମାଝୀ, ବଞ୍ଜରା ସମାଜର ସଭାପତି ଜଯୋବନ୍ତ ନାଏକ, ଭତରା ସମାଜର ଉପଦେଷ୍ଟା ଗରୁଧ୍ୱଜ ମାଝୀ, ସବର ସମାଜର ସଭାପତି ତ୍ରିନାଥ ଶବର, ଭୁଞ୍ଜିଆ ସମାଜର ସଭାପତି ଦ୍ରୋଣାଚାର୍ଯ୍ୟ ପୁଝାରୀ, ହଲବା ସମାଜ ସାଧାରଣ ସମ୍ପାଦକ ଦଶରଥ ବିଷି ପ୍ରମୁଖ ଯୋଗଦେଇ ଶିକ୍ଷା ଓ ସମାଜ ସଂସ୍କୃତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସମାଜର ଭବନ ନିମନ୍ତେ ଭୂମି ପୂଜନ ହୋଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମଞ୍ଚକୁ ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ସ୍ଥାନରୁ ସମାଜର ଶତାଧିକ କର୍ମକର୍ତ୍ତା ସହ ମହିଳା ମାନେ ସାମିଲ ହୋଇଥିଲେ।

## ତରଭା ଫକୀର ବାବାଙ୍କ ଉର୍ସ ଉତ୍ସବ ପାଳିତ



**ତରଭା, ୨୬।୧୨(ସମିସ) :** ମଙ୍ଗଳବାର ରାତ୍ର ୧୦.୫ରେ ହଜରତ ସୟଦ ସାହା ଅବଦୁଲ ଶକୁର ରହମେତୁଲ୍ଲା ଆଲ୍ଲେହେ ଓରଫ ତରଭା ୱାଲେ ଫକୀରବାବାଙ୍କ ମଜାରରେ ଭକ୍ତଙ୍କ ଦ୍ୱାରା କୁଲ ଫାତିଆ ପ୍ରଦାନ ପରେ ଦୁଇଦିନ ଧରି ଚାଲିଥିବା ଉର୍ସ ଉତ୍ସବ ସମାପ୍ତ ହୋଇଛି। ସୋମବାର ଭବ୍ୟ ଚାଦର ଶୋଭାଯାତ୍ରା ଆୟୋଜିତ ହୋଇଥିଲା।ରାତ୍ରିରେ ତରଭା ମସଜିଦର ମୌଲାନା ମହମ୍ମଦ ସୁଲତାନ ରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତକରିର ଓ ନାଥଖାଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ବିହାର ପ୍ରଦେଶ ଗୟାରୁ ଆସିଥିବା ମହମ୍ମଦ ଉମର ନୁରାନୀ କିବଲା ତକିରିର ପ୍ରଦାନ କରିଥିବା ବେଳେ ଝାରଖଣ୍ଡ ଗିରିଡିରୁ ଆସିଥିବା ସମସ ତବରେଜ ସାହେବ ନାଥଖାଁ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମଙ୍ଗଳବାର ଦିନ ତମାମ ଭକ୍ତମାନଙ୍କ ଦ୍ୱାରା ଚାଦର ଶୋଭାଯାତ୍ରା ବାହାର କରି ମଜାରରେ ଅର୍ପଣ କରାଯାଇଥିଲା।ଉର୍ସ ଉତ୍ସବକୁ ଆସିଥିବା ଶ୍ରଦ୍ଧାଳୁଙ୍କ ରହିବା ଓ ଖାଇବା ବ୍ୟବସ୍ଥା ମସଜିଦ ମଜାର କମିଟି ତରଫରୁ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ତରଭା ଆଇଆଇସିଙ୍କ ନେତୃତ୍ୱରେ ୪ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ମସଜିଦ ମଜାର କମିଟି ସଭାପତି ଅଜନବୀ ଖାନଙ୍କ ନେତୃତ୍ୱରେ ଅକବର ଅଲ୍ଲୀ, ମୁକ୍ତାର ଖାନ, ନବାବ ଖାନ, ଏହେସାନ ଖାନ, ଇମ୍ରାନ ଖାନ, ଏଜାଜ ଖାନ, ମୁଜାଫର ଖାନ, ନୌସାଦ ମହମ୍ମଦ, ମନୱର ଖାନଙ୍କ ସମେତ କମିଟିର ସଦସ୍ୟ ମାନେ ସହଯୋଗ କରିଥିଲେ।

### ସ୍ମାରକୀ ଜାତୀୟ ନାଟକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା

# ମଞ୍ଚସ୍ଥ ହେଲା 'ଯମପୁରରେ ନିର୍ବାଚନ ତାତି'

**ଭବାନୀପାଟଣା, ୨୬।୧୨ (ସମିସ)**

'ସ୍ମାରକୀ ନାଟ୍ୟ ସଂସ୍ଥା' ତରଫରୁ ସ୍ଥାନୀୟ ଟାଉନ୍ ହଲ୍ ଠାରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ - ୨୦୨୩ର ଆଜି ଉଦଯାପନୀ ସନ୍ଧ୍ୟାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଭାପତି, ମହାବୀର ସାଂସ୍କୃତିକ ଅନୁଷ୍ଠାନ ଶାନ୍ତନୁ ବେହେରା, ସଭାପତି ଲେଖକ କଳା ପରିଷଦ ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ପଣ୍ଡା, ସଭାପତି କଳାହାଣ୍ଡି କଳାକାର ସଂଘ ଶ୍ରୀଯୁକ୍ତ ଅବଦୁଲ କାଦିର୍ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ଏହି ଅବସରରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଯମପୁର ରେ ନିର୍ବାଚନ ତାତି'। ଯମପୁର ରୁ ମୃତ୍ୟୁ ଦୂତ ଆସି ଗୋବର୍ଦ୍ଧନ ନାମକ ଜଣେ ମନୁଷ୍ୟକୁ ଭୁଲ୍ ରେ ଜନାର୍ଦ୍ଦନ ଭାବି ନେଇଯାଏ। ଗୋବର୍ଦ୍ଧନ ମଗାବପୁରରେ ଜଣେ ରାଜନୈତିକ ଟାଉଟର ଥିବାରୁ, ଯମପୁରରେ ମଧ ସ୍ୱଭାବତଃ ଚିତ୍ରଗୁପ୍ତ ଏବଂ ଯମଙ୍କ ମଧରେ କଳି ଲଗାଏ। ଚିତ୍ରଗୁପ୍ତଙ୍କୁ ଉସୁକାଏ ଯମପୁରରେ ନିର୍ବାଚନ ମାଧମରେ ଶାସକ ନିର୍ବାଚିତ କରିବାକୁ। ଯମ ଆହ୍ୱାନ ସ୍ୱୀକାର କରି ନିର୍ବାଚନ କରାନ୍ତି। ଆରମ୍ଭ ହୁଏ ଯମପୁରରେ ନିର୍ବାଚନ ତାତି। ଗୋବର୍ଦ୍ଧନ ଚିତ୍ରଗୁପ୍ତଙ୍କ ପାଇଁ ମୋଇଁଲାକର ସମସ୍ତ ଅନୈତିକ ରଣ କୌଶଳ ଆପଣାଇ ଚିତ୍ରଗୁପ୍ତଙ୍କୁ ନିର୍ବାଚନ ଜିତାଇଦିଏ। ଚିତ୍ରଗୁପ୍ତ ଯମପୁର ର ସିଂହାସନ ଆରୋହଣ କରିବାକୁ ଯାଉଥିବା ସମୟରେ ନାଟକ ଦେଖୁଥିବା ସ୍ୱୟ ନାରଦ ମୁନି ମଞ୍ଚ ଉପରକୁ ଉଠି ଆସି ନାଟ୍ୟକାରଙ୍କୁ ମଞ୍ଚ ଉପରକୁ ଆସିବାକୁ ନିର୍ଦ୍ଦେଶ ଦେଇ ଯମଙ୍କୁ ପୁନଃ ସିଂହାସନ ଫେରେଇ ଦେବାକୁ ଆଦେଶ ଦିଅନ୍ତି। ଏହି କଥାବସ୍ତୁକୁ ନେଇ ଆଜି ଉଦଯାପନୀ ସନ୍ଧ୍ୟାରେ ସ୍ମାରକୀ ନାଟ୍ୟ ସଂସ୍ଥା, ଭବାନୀପାଟଣା ଦ୍ୱାରା ମଞ୍ଚସ୍ଥ ହୋଇଥିଲା ନାଟକ 'ଯମପୁର ରେ ନିର୍ବାଚନ ତାତି'। ଏହି ନାଟକକୁ ବିଶିଷ୍ଟ ନାଟ୍ୟକାର ମନୋଜ ରଥ ରଚନା ଏବଂ ନିର୍ଦ୍ଦେଶନା ଦେଇଥିବାବେଳେ ଯୁବ ନାଟ୍ୟଶିଳ୍ପୀ ସୌରଭ ମହାପାତ୍ର ସହନିର୍ଦ୍ଦେଶନା ଦେଇଥିଲେ। ଏଥିରେ ଶୁଭେନ୍ଦୁ ମହାପାତ୍ର, ସୁଧୀର ରଥ, ଦେବୀ ପ୍ରସାଦ ରଥ, ବିରଞ୍ଚି ନାରାୟଣ ମୁଣ୍ଡ, ସୌରଭ ମହାପାତ୍ର, ରାଜେଶ ଦାଶ, ଦୀପ୍ତିମୟୀ ସିଂହ, ତ୍ରିନାଥଶ୍ୟାମ କୁମାର, ଧନଞ୍ଜୟ ସାହୁ, ଦିବାକର ସାହୁ, ଶୁଭାଶିଷ ମହାପାତ୍ର ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତ ରେ ଗୁରୁ ଶଶାଙ୍କ ଶେଖର ମହାପାତ୍ର, ଭୀମସେନ ସାହୁ, ନୀଳାଞ୍ଚଳ ପାନ, ସନ୍ତୋଷ ଝା ଏବଂ ଦେବେନ୍ଦ୍ର ବାଗ ଥିବାବେଳେ ମଞ୍ଚ ସଜ୍ଜା କରିଥିଲେ ଚିଣ୍ଟୁ ପ୍ରସାଦ ନାୟକ। ପୋଷାକରେ ପ୍ରତାପ ପଣ୍ଡା ସହାୟତା କରିଥିଲେ ଏବଂ ରୂପସଜ୍ଜା କରିଥିଲେ ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରତାପ ପଣ୍ଡା ଏବଂ ରାମେଶ୍ୱର ତ୍ରିପାଠୀ। ନାଟକଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ଟାଉନ୍ ହଲ୍‌ରେ ଦର୍ଶକଙ୍କ ଭିଡ ଏବଂ କରତାଳି ଅଭିନେତାଙ୍କୁ ଆହୁରି ଉତ୍ସାହିତ କରିଥିଲା। ଆଜିର କାର୍ଯ୍ୟକ୍ରମରେ ସତ୍ୟନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସୌରଭ ମହାପାତ୍ର, ଆଲୋକ କୁମାର ସାହୁ, ରାମେଶ୍?ର ତ୍ରିପାଠୀ, ପ୍ରଜ୍ଞା ପରିମିତା ନାୟକ, ଲିପ୍ସା ମହାରଣା, ତଥାଗତ ମିଶ୍ର, ଶିବଶକ୍ତି ପୁରୋହିତ, ସୌମ୍ୟ ରଞ୍ଜନ ଜେନା, ଶୁଭମ୍ ବେହେରା, କେ. ଗୋପିଧର ନାୟର, ଅମରେନ୍ଦ୍ର ମହାନ୍ତି, ମାନସୀ ନାୟକ, ପୁଷ୍ପାଞ୍ଜଳି ଦୀପ, ସୁଶୀଲ ଆଚାର୍ଯ୍ୟ, ଦୀପକ ଶର୍ମା, ବିକାଶ ରଞ୍ଜନ ମୁଣ୍ଡ, ଅବିନାଶ ଅଗସ୍ତି, ଲିପ୍ସାରାଣୀ ବାରିକ ପ୍ରମୁଖ ସହଯୋଗ କରିଥିଲେ।



